୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.09 Bhubaneswar Sunday February 11 2024 | ୨୬ତମ ବର୍ଷ ସଂଖ୍ୟା–୦୯ ଭୁବନେଶ୍ୱର, ରବିବାର, ଫେବୃଆରୀ ୧୧, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹..50 | (Air Surcharge - 0.50P) | Member-INS



ଷୋଡ଼ଶ ବିଧାନସଭା ଅଧିବେଶନର ଶେଷ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବାଚସ୍ପତି ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ଗହଣରେ ସମସ୍ତ ବିଧାୟକ ବୃନ୍ଦ

## କଂଗ୍ରେସରୁ ହାତ ଟିକେଟ ପାଇଁ ବଢୁଛି କି ଆଶାୟୀଙ୍କ ସଂଖ୍ୟା ?

ଭୁବନେଶ୍ୱର,୧୦।୨(ପି.ଏନ):ଆଉ ମାତ୍ର ଦିନ କେଇଟାର ଅପେକ୍ଷା। ଅନୁଷ୍ଠିତ ହେବ ସାଧାରଣ ନିର୍ବାଚ଼ନ। ଯାହା ପାଇଁ ସବୁ ରାଜନୈତିକ ଶିବିରରେ ଏବେ ଟିକେଟ କାହାକୁ ଦିଆଯିବ ସେ ନେଇ ଏବେ ଦଳର ସୁପ୍ରିମୋଙ୍କ ପାଖରେ ଲାଗୁଛି ଲମ୍ୱା ଲାଇନ। ରାଜ୍ୟରେ ବିଜେପି ଓ ବିଜେଡିକୁ ବାଦ୍ ଦେଲେ କଂଗ୍ରେସରୁ ଟିକେଟ ପାଇବା ପାଇଁ ଏବେ ଆଶାୟୀଙ୍କ ମନ ବଳୁଛି। ଟିକେଟ୍ କସରତ ଭିତରେ ରାଜ୍ୟ କଂଗ୍ରେସ ଭବନରେ ଆଶାୟୀଙ୍କ ଭିଡ ଜମୁଛି ।୧୪୭ ନିର୍ବାଚ଼ନ ମଣ୍ଡଳୀରୁ ୨୫ ଶହରୁ ଅଧିକ ଲୋକ କଂଗ୍ରେସ ଟିକେଟ୍ ପାଇଁ ଅନଲାଇନରେ ଆବେଦନ କରିଛନ୍ତି । ଟିକେଟ୍ ପାଇଁ ଆବେଦନ କରିଥିବା ଆଶାୟୀ ପ୍ରାର୍ଥୀ କଂଗ୍ରେସ ଭବନରେ ପହଂଚ଼ିଛନ୍ତି । ରାଜ୍ୟ ପ୍ରଭାରୀ ଓ ପିସିସି ସଭାପତି ସେମାନଙ୍କ ସହ ଆଲୋଚ଼ନା କରୁଛନ୍ତି ।ଏଠାରେ ପ୍ରତି ନିର୍ବାଚ଼ନମଣ୍ଡଳୀରୁ ଆସିଥିବା ନାଁ ଉପରେ କରାଯିବ ଆଲୋଚ଼ନା ପର୍ଯ୍ୟାଲୋଚ଼ନା । ଟିକେଟ୍ ଚୂଡାନ୍ତ ପରେ ଏଆଇସିସିକୁ ତାଲିକା ପଠାଯିବ ବୋଲି ସୂଚ଼ନା ରହିଛି ।ଯାହାକୁ ନେଇ ପିସିସି ସଭାପତି ଶରତ ପଟ୍ଟନାୟକ ମଧ ବେଶ୍ ସକ୍ରିୟ ଥିବା ନଜର ଆସିଛନ୍ତି। ନିର୍ବାଚ଼ନ ମଇଦାନରେ ଜିତିବା ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ପିସିସି ସଭାପତି କହିଛନ୍ତି ।

# ୧୬ରେ ଜେଏସଡବ୍ଲ୍ୟୁ ଷ୍ଟିଲ ପ୍ରକଳ୍ପର ଶିଳାନ୍ୟାସ କରିବେ ନବୀନ, ସଭାସ୍ଥଳକୁ ଯିବେ ୩୦ହଜାର ବିଜେଡି କର୍ମୀ

ଭୁବନେଶ୍ୱର,୧୦।୨(ପି.ଏନ): ଆସନ୍ତା ୧୬ତାରିଖରେ ଜଗତସିଂହପୁର ଜିଲ୍ଲାର ବିବାଦୀୟ ପସ୍କ ପ୍ରକଳ୍ପ ଅଂଚ଼ଳରେ ଜେଏସଡବ୍ଲ୍ୟୁ ମେଗା ଷ୍ଟିଲ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ଜିଲ୍ଲାର ପ୍ରାୟ ୩୦ହଜାର ବିଜେଡି କର୍ମୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଗା ଇସ୍ପାତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ଜଣାପଡିଛି। ନବୀନଙ୍କ ଜଗତସିଂହପୁର ଜିଲ୍ଲାଗସ୍ତକୁ ସଫଳ କରିବା ପାଇଁ ଉଭୟ ପ୍ରଶାସନିକ ଓ ଦଳୀୟସ୍ତରରେ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ମିଳିଥିବା ସୂଚ଼ନା ଅନୁସାରେ, ସାଧାରଣ ନିର୍ବାଚ଼ନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୧୬ତାରିଖରେ ଜଗତସିଂହପୁର ଜିଲ୍ଲା ଗସ୍ତ କରି ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଜିଲ୍ଲାର ସମସ୍ତ ୪ଜଣ ବିଧାୟକଙ୍କୁ ଦଳ ପକ୍ଷରୁ ଦାୟିତ୍ୱ ନ୍ୟସ୍ତ ହୋଇଛି। ଏନେଇ ପ୍ରସ୍ତୁତି ବୈଠକ ଶେଷ ହୋଇଛି। ପ୍ରକଳ୍ପ ହେଉଥିବା ବାଲିକୁଦା-ଏରସମା ନିର୍ବାଚ଼ନମଣ୍ଡଳୀରୁ ପ୍ରାୟ ୨୦ହଜାର ଓ ଜିଲ୍ଲାର ଅନ୍ୟାନ୍ୟ ନିର୍ବାଚ଼ନମଣ୍ଡଳୀରୁ ଆଉ ୧୦ହଜାର ଲୋକଙ୍କୁ ମିଶାଇ ମୋଟ ୩୦ହଜାର




ଲୋକଙ୍କ ଉପସ୍ଥିତିରେ ନବୀନ ସେଠାରେ ଜେଏସଡବ୍ଲ୍ୟୁ ଷ୍ଟିଲ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ଜଣାପଡିଛି ।ଏରସମାର ବିବାଦୀୟ ପୋସ୍କ ପ୍ରକଳ୍ପ ଅଂଚ଼ଳରେ ୬୫ହଜାର କୋଟି ଟଙ୍କା ନିବେଶ କରି ଜେଏସଡବ୍ଲ୍ୟୁ ଷ୍ଟିଲ ନିଜର ବାର୍ଷିକ ୧୩.୨ ନିୟୁତ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ମେଗା ଗ୍ରୀନଫିଲଡ୍ ଇସ୍ପାତ ପ୍ରକଳ୍ପ ସ୍ଥାପନ କରିବ। ଏଥିପାଇଁ ଜେଏସଡବ୍ଲ୍ୟୁ ଷ୍ଟିଲ(ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ)କୁ ଜମି ହସ୍ତାନ୍ତର ସରିଛି। ଗତ ଜାନୁୟାରୀ ମାସରେ କମ୍ପାନୀ ନିଜର ଏହି ପ୍ରକଳ୍ପ ପାଇଁ ମୋଟ ୨୯୫୦.୩୧ଏକର ଜମିକୁ ଦଖଲକୁ ନେଇଛି। ଏହି ମୋଟ୍ ଜମି ମଧ୍ୟରୁ ୨୭୨.୫୧ଏକର ଅଣଜଙ୍ଗଲ ଜମିକୁ ରାଜ୍ୟ ସରକାର ବହୁ ପୂର୍ବରୁ ଜେଏସଡବ୍ଲ୍ୟୁକୁ ହସ୍ତାନ୍ତର କରିଥିଲେ। କେନ୍ଦ୍ର ଜଙ୍ଗଲ ମନ୍ତ୍ରଣାଳୟର କ୍ଲିଅରାନ୍ସ ପରେ ୨୬୭୭.୮୦ଏକର ଜଙ୍ଗଲ ଜମିକୁ ମଧ ଜେଏସଡବ୍ଲ୍ୟୁ ନିଜ ଦଖଲକୁ ନେଇଥିବା ଗତମାସରେ ସୂଚ଼ନା ଦେଇଥିଲା।

### ଇଟାଭାଟିରେ ଚ଼ାଲିଗଲା ୪ ଜଣଙ୍କ ଜୀବନ, ମୃତକଙ୍କ ମଧ୍ୟରେ ଜଣେ ୭ ବର୍ଷର ଶିଶୁ

ଭୁବନେଶ୍ୱର,୧୦।୨(ପି.ଏନ): ଢେଙ୍କାନାଳ କଣ୍ଟାବଣିଆ ଥାନା କମଳାଙ୍ଗ ନିକଟ ଇଟାଭାଟିରେ ଅଘଟଣ । ଇଟାଭାଟିରେ ୪ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚ଼ନା ମିଳିଛି ।

## ସନ୍ଧ୍ୟାରେ ଭୁବନେଶ୍ୱର ପହଞ୍ଚିବ ଭି.ସୁଞ୍ଜାନ କୁମାରୀ ଦେଓଙ୍କ ମରଶରୀର

ଭୁବନେଶ୍ୱର,୧୦।୨(ପି.ଏନ): ସନ୍ଧ୍ୟାରେ ପହଞ୍ଚିବ ଭି.ସୁଞ୍ଜାନ କୁମାରୀ ଦେଓଙ୍କ ମରଶରୀର ।ଏନେଇ ସୂଚ଼ନା ଦେଲେ ମରଦରାଜ ପରିଷଦ ସମ୍ପାଦକ ସୁଧାଂଶୁ ସାହୁ । 'ଚେନ୍ନାଇରୁ ବିମାନ ଯୋଗେ ସନ୍ଧ୍ୟାରେ ଭୁବନେଶ୍ୱର ପହଞ୍ଚିବ' । 'ଏହାପରେ ମରଶରୀର ଖଲ୍ଲିକୋଟ ନିଆଯିବାର ବ୍ୟବସ୍ଥା ହେବ' । 'ଶେଷକୃତ୍ୟ ପାଇଁ ପରବର୍ତ୍ତୀ ଅବସ୍ଥାରେ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେବ' । ବିଳମ୍ୱିତ ରାତିରେ ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଭି.ସୁଞ୍ଜାନ କୁମାରୀ ଦେଓଙ୍କ ପରଲୋକ ଘଟିଛି ।ସେ କିଛିଦିନ ହେବ ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ଚ଼ିକିତ୍ସିତ ହେଉଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା । ଗତ କିଛି ଦିନ ହେବା ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବା କାରଣରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ।ସେ ଖଲିକୋଟରୁ



୮ ଥର ଏବଂ କବିସୂର୍ଯ୍ୟନଗରରୁ ୨ ଥର ବିଧାୟିକା ହୋଇଥିଲେ । ୧୯୬୧ରେ ରାଜନୀତି ଜୀବନ ଆରମ୍ଭ କରିଥିଲେ । ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚେନ୍ନାଇ ଯାଇ ଭି. ସୁଞ୍ଜାନ କୁମାରୀ ଦେଓଙ୍କୁ ହସ୍ପିଟାଲରେ ଭେଟିଥିଲେ । ମୁଖ୍ୟମନ୍ତ୍ରୀ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚ଼ାରି ବୁଝିବା ସହ ସୁସ୍ଥତା କାମନା କରିଥିଲେ ।

## ମୋଦିଙ୍କ ନେତୃତ୍ୱ ବିନା ସମ୍ଭବ ନଥିଲା ରାମ ମନ୍ଦିର: ଅମିତ ଶାହ



ଭୁବନେଶ୍ୱର,୧୦।୨(ପି.ଏନ): ଜାନୁଆରୀ ୨୨ ଥିଲା ସାରା ଦେଶ ପାଇଁ ଏକ ଐତିହାସିକ ଦିନ। ୧୦ ହଜାର ବର୍ଷ ଯାଏଁ ଏହି ଦିନଟି ଇତିହାସରେ ସୁବର୍ଣ୍ଣ ଅକ୍ଷରେ ଲିଖିତ ରହିବ। ଏହି ଦିନ ଏକ ଲମ୍ୱା ସଂଘର୍ଷର ବିଜୟ ହୋଇଛି। ଏହି ଦିନ ହିଁ ସମସ୍ତ ରାମ ଭକ୍ତଙ୍କ ଆଶା ଓ ଆକାଂକ୍ଷା ପୂରଣ ହୋଇଥିଲା। ଯେଉଁମାନେ ରାମ ବିନା ଭାରତକୁ କଳ୍ପନା କରନ୍ତି ସେମାନେ ଭାରତ କ'ଣ ଜାଣନ୍ତି ନାହିଁ। ରାମ ମନ୍ଦିର ଐତିହାସିକ ନିର୍ମାଣ ଏବଂ ରାମଲଲାର ପ୍ରାଣ ପ୍ରତିଷ୍ଠା ଉପରେ ଲକୋସଭାରେ ଧନ୍ୟବାଦ ପ୍ରସ୍ତାବ ଆଗତ ବେଳେ ଏଭଳି କିଛି କହିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ ।ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିନା ନେତୃତ୍ୱ ରାମ ମନ୍ଦିର ନିର୍ମାଣ ସମ୍ଭବ ନଥିଲା। ୧୫୨୮ରୁ ଆରମ୍ଭ ହୋଇଥିବା ଏକ ଆନ୍ଦୋଳନ ଶେଷରେ ଜାନୁଆରୀ ୨୨ ତାରିଖରେ ସମାପ୍ତ ହୋଇଛି। ୧୫୨୮ ପରଠାରୁ ପ୍ରତ୍ୟେକ ପିଢ଼ି ଏହି ଆନ୍ଦୋଳନର ପ୍ରତ୍ୟେକ ରୂପ ଦେଖିଛନ୍ତି। ଏହି ପ୍ରୟାସ ଦୀର୍ଘଦିନ ଧରି ଅଟକି ରହିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ଏହି ସ୍ୱପ୍ନ ପୂରଣ ହୋଇଛି। ଆମେ କେବଳ ପ୍ରତିଶ୍ରୁତି ଦେଉଥିବା ବିରୋଧୀ ଅଭିଯୋଗ କରୁଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ଯାହା କୁହନ୍ତି, ତାହା କାମରେ କରି ଦେଖାନ୍ତି। ଆଜି ଦେଶ ତା'ର ପ୍ରମାଣ ପାଇଛି।

### ଉଦଘାଟନର ଚ଼ାରି ମାସ ବି ପୂରିନି, ଦବିଗଲା ବିଜୁ ଏକ୍ସପ୍ରେସ ସେତୁ

ନୂଆପଡା,୧୦।୨(ପି.ଏନ): ପୂର୍ତ୍ତ ବିଭାଗର ପିସି କାରବାରର ନଗ୍ନ ଚିତ୍ର । ଠିକାଦାର ର ମନମୁଖୀ କାର୍ଯ୍ୟ ସହ ତତ୍କାଳୀନ ଯନ୍ତ୍ରୀ ଙ୍କ ପିସି ଖିଆ ମନୋଭାବ ଯୋଗୁଁ ମାତ୍ର ଛଅ ମାସ ମଧ୍ୟରେ ଦବିଗଲା କୋଟିକୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜୁ ଏକ୍ସପ୍ରେସ ସେତୁ । ମୁଖ୍ୟମନ୍ତ୍ରୀ ଆସି ଉଦଘାଟନ କରିବେ ବୋଲି ତରବରିଆ ଭାବେ ତିଆରି ହୋଇଥିଲା ଏହି ସେତୁ କ୍ଷ ଉଦଘାଟନର ଛଅମାସ ପରେ ସେତୁର ପିଲର ଦବିଯାଇ ଅବସ୍ଥା ବେହାଲ ହୋଇଥିବା ବେଳେ ଆଜିକୁ ପ୍ରାୟ ବର୍ଷେ ? ହେବ ଅଚ଼ଳ ହୋଇ ପଡିଛି ଏହି ଦୁଇଟି ବିଜୁ ଏକ୍ସପ୍ରେସ ସେତୁ ।

### ଜନଜାତି ସଂସ୍କୃତିର ସଂରକ୍ଷଣ ପାଇଁ ରାଜ୍ୟ ସରକାର ଆହୁରି ଅନେକ ପଦକ୍ଷେପ ନେବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୨(ପି.ଏନ): ଅନୁସୂଚ଼ିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆଜି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ହିତାଧିକାରୀଙ୍କ ଏକ ମହା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ମହା ସମାବେଶକୁ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସମଗ୍ର ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟର ସାମଗ୍ରିକ ବିକାଶରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ପାଳନ କରି ଏହି ମହା ସମାବେଶର ଆୟୋଜନ କରାଯାଇଛି ।

## ବଢ଼ିଲା ମଧୁବାବୁ ପେନସନ ଟଙ୍କା, ଏଣିକି ବୟସ୍କଙ୍କୁ ୫୦୦ ନୁହେଁ ମିଳିବ

ଭୁବନେଶ୍ୱର,୧୦।୨(ପି.ଏନ): ବଢ଼ିଲା ମଧୁବାବୁ ପେନସନ ଟଙ୍କା । ଏଣିକି ୫୦୦ ନୁହେଁ ମିଳିବ ନୁହେଁ ବରଂ ବୟସ୍କଙ୍କୁ ୧୦୦୦ ଟଙ୍କା ମିଳିବ ବୋଲି ଜଣାପଡିଛି । ତେବେ ଚ଼ଳିତ ଫେବୃଆରି ୨୦ ରୁ ୨୫ ଭିତରେ ଏହି ବର୍ଦ୍ଧିତ ଟଙ୍କା ପ୍ରଦାନ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।ସୂଚ଼ନା ଥାଉକି, ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ହିତାଧିକାରୀଙ୍କ ପାଇଁ ମାସିକ ପେନସନରେ ମଧ ୫୦୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି। ପୂର୍ବରୁ ଏହି ଯୋଜନାରେ ହିତାଧିକାରୀମାନେ ଯଥାକ୍ରମେ ଟ ୫୦୦, ଟ ୭୦୦ ଓ ଟ ୯୦୦ ପାଉଥିଲେ । ବର୍ତ୍ତମାନ ବର୍ଦ୍ଧିତ ପେନସନ ଅନୁଯାୟୀ ସେମାନେ ଏବେ ଯଥାକ୍ରମେ ୧୦୦୦, ୧୨୦୦ ଓ ୧୪୦୦ ଟଙ୍କା ପାଇବେ । ଏହି




ବର୍ଦ୍ଧିତ ପେନସନ ପାଇଁ ରାଜ୍ୟ ସରକାର ବାର୍ଷିକ ୩୬୮୩ କୋଟି ଟଙ୍କା ଖର୍ଚ୍ଚ କରିବେ। ତେବେ ନିକଟରେ ମୁଖ୍ୟମନ୍ତ୍ରୀ ମଧୁବାବୁ ପେନସନ ଯୋଜନାର ହିତାଧିକାରୀମାନଙ୍କ ସଂଖ୍ୟା ବୃଦ୍ଧି କରିଥିଲେ। ଗତ ବର୍ଷ ଅଗଷ୍ଟରେ ୪.୧୩ ଲକ୍ଷ ବୃଦ୍ଧି ପାଇଥିଲା ଏବଂ ଏବେ ଆଉ ୪ ଲକ୍ଷ ଅନ୍ତର୍ଭୁକ୍ତ ହେବା ପରେ ବର୍ତ୍ତମାନ ସମୁଦାୟ ୩୬.୭୫ ଲକ୍ଷ ହିତାଧିକାରୀ ଏହି ଯୋଜନାର ଲାଭ ପାଉଛନ୍ତି। ଏଠାରେ କହି ରଖୁଛୁ ଯେ, ୫ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳର ଲୋକ ମାନେ ଏହି ପେନସନ ରାଶି ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ। ଲୋକଙ୍କ ଅନୁରୋଧକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ସାମାଜିକ ସୁରକ୍ଷା ପେନସନ ଯୋଜନାର ଏହି ପେନସନ ରାଶି ପରିମାଣକୁ ବୃଦ୍ଧି କରିଛନ୍ତି।

## ୫ ବର୍ଷରେ ରିଫର୍ମ, ପରଫର୍ମ, ଟ୍ରାନ୍ସଫର୍ମକୁ ଦିଆଯାଇଛି ଗୁରୁତ୍ୱ: ମୋଦି

ଭୁବନେଶ୍ୱର,୧୦।୨(ପି.ଏନ): ଦେଶର ହିତ ପାଇଁ ୫ ବର୍ଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରିଫର୍ମ, ପରଫର୍ମ, ଟ୍ରାନ୍ସଫର୍ମକୁ ଦିଆଯାଇଛି ଗୁରୁତ୍ୱ। ଦ୍ରୁତ ଗତିରେ ପରିବର୍ତ୍ତନ ସହ ଦେଶ ଆଗକୁ ବଢ଼ୁଛି। ଆଜି ବଜେଟ ଅଧିବେଶନର ଶେଷ ଦିନରେ ଏଭଳି କିଛି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।ସଂସଦର ବଜେଟ୍ ଅଧିବେଶନର ଶେଷ ଦିନରେ ଅଯୋଧାରେ ନିର୍ମିତ ଭବ୍ୟ ରାମ ମନ୍ଦିର ଉପରେ ଧନ୍ୟବାଦ ପ୍ରସ୍ତାଗ ଆଗତ



ହୋଇଛି। ଏଥିରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ସପ୍ତଦଶ ଲୋକସଭା ଏକ ନୂଆ ମାନଦଣ୍ଡ ପ୍ରସ୍ତୁତ କରିପାରିଛି। ଆଜିର ଦିନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜି ଦେଶ ଏକ ନୂଆ ଆତ୍ମବିଶ୍ୱାସ ଅନୁଭବ କରୁଛି। ଗତ ୫ ବର୍ଷ ରେ ସଂସ୍କାର, ପରିବର୍ତ୍ତନ ଏବଂ କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱ ଦିଆଯାଇଛି।

## ଗ୍ୟାସ ସିଲିଣ୍ଡର ଫାଟି ଗୋଟିଏ ପରିବାରର ୬ ଗୁରୁତର

ଭୁବନେଶ୍ୱର,୧୦।୨(ପି.ଏନ): ବଲାଙ୍ଗିର ଜିଲ୍ଲା ବେଲପଡା ଥାନା କାନୁଟ ଗାଁ ଉପରପଡ଼ାରେ ଅଦାବରିଆ ପରିବାରର ଘରେ ଗ୍ୟାସ ସିଲିଣ୍ଡର ଫାଟି ଯିବାରୁ ଛଅ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫ ଜଣ ମହିଳା ଓ ଜଣେ ପୁରୁଷ ଅଛନ୍ତି। ସମସ୍ତଙ୍କ ଶରୀରର କିଛି କିଛି ଅଂଶ ପୋଡି ଯାଇଛି। କାହାର କେବଳ ଗୋଡ ଦୁଇଟି ପୋଡିଛି ତ କାହାର ଗୋଡ ପିଠି ପୋଡିଛି। ସେହିଭଳି କାହାର ହାତ ଓ ଗୋଡ ପୋଡିଛି। ସେମାନଙ୍କୁ କଣ୍ଟାବାଞ୍ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ଆଜି ସନ୍ଧ୍ୟା ପ୍ରାୟ ୫ଟା ବେଳେ ଏହି ଘଟଣା ଘଟିଥିଲା। ଘରର ୬ ଜଣ ସଦସ୍ୟ ବସି ଟିଭି ଦେଖୁଥିବା ବେଳେ ରୋଷେଇ ଘରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ଲାଗି ଯାଇଥିଲା।

## ମାଟ୍ରିକ ପ୍ରଶ୍ନପତ୍ର ଲିକ୍ ଓ ଭାଇରାଲ ହେଲେ କିଏ ରହିବେ ଦାୟୀ ?

ଭୁବନେଶ୍ୱର,୧୦।୨(ପି.ଏନ): ଆସନ୍ତା ଫେବ୍ରୁଆରୀ ୨୦ ତାରିଖରୁ ଆରମ୍ଭ ହେବାକୁ ଯାଉଛନ୍ତି ମାଟ୍ରିକ୍ ପରୀକ୍ଷା। ଚ଼ଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ୫ ଲକ୍ଷ ୫୧ ହଜାର ୬୧୧ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ବୋର୍ଡ ପକ୍ଷରୁ ୩ ହଜାର ୭୩ଟି ପରୀକ୍ଷା କେନ୍ଦ୍ର ଏବଂ ଦୁର୍ଗମ ଅଞ୍ଚଳର ୨୧ଟି ଥାନାକୁ ନୋଡାଲ୍ ସେଣ୍ଟର କରାଯାଇଛି। ଏହା ସହ ବ୍ୟବସ୍ଥିତ ଭାବେ ପରୀକ୍ଷାକୁ ପରିଚ଼ାଳିତ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟକ୍ରମ ଜାରି ରଖିଛି। ତେବେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ।ଯଦି କୌଣସି ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ନଜରକୁ ଆସେ ତାହାହେଲେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ଏଥିପାଇଁ ଦାୟୀ ରହିବେ ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପଟେ ମୋବାଇଲ୍ ପ୍ରବେଶ ଉପରେ କଟକଣା ଲଗାଯାଇଛି। ପରୀକ୍ଷା କେନ୍ଦ୍ର ପରିଚ଼ାଳକଙ୍କ ବ୍ୟତୀତ ପରୀକ୍ଷା ଚ଼ାଳିଥିବା ସମୟରେ ଅନ୍ୟ କେହି କେନ୍ଦ୍ର ଭିତରକୁ ମୋବାଇଲ୍ ନେଇପାରିବେ ନାହିଁ। ସେହିପରି ପ୍ରଶ୍ନପତ୍ର ଥିବା ଆଲମାରିର ଚ଼ାବିକାଠି କେନ୍ଦ୍ର କୌଣସି ପ୍ୟାକେଟ୍ କିମ୍ବା କାଗଜପତ୍ର ଯାଞ୍ଚ କରିବାକୁ ଦେବା ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କ ପରିଚ଼ୟ ସମ୍ପର୍କରେ ପରିଚ଼ାଳକ ଭଲ ଭାବେ ଜାଣିଥିବା ଆବଶ୍ୟକ। ଅଚ଼ିହ୍ନା ବ୍ୟକ୍ତିଙ୍କୁ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ ଲାଗି ଅନୁମତି ନ ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଓଡ଼ିଶାରେ ହେବ ପ୍ରଥମ ଅଟୋ ମୋବାଇଲ ପ୍ଲାଣ୍ଟ, ସୃଷ୍ଟି ହେବ ୧୧ ହଜାର ନିଯୁକ୍ତି

ଭୁବନେଶ୍ୱର,୧୦।୨(ପି.ଏନ): ଓଡ଼ିଶାରେ ହେବ ପ୍ରଥମ ଅଟୋ ମୋବାଇଲ ପ୍ଲାଣ୍ଟ । JSW ଗ୍ରୁପ ମେଗା ଇଲେକ୍ଟ୍ରିକ ଗାଡି ଏବଂ ବ୍ୟାଟେରୀ ପ୍ଲାଣ୍ଟ ସ୍ଥାପନ କରିବ । ଏନେଇ ଆଜି ଲୋକସେବା ଭବନରେ JSW ଗ୍ରୁପ୍ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏମଓୟୁ ବା ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ JSW ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲଙ୍କ ଉପସ୍ଥିତିରେ ସ୍ୱାକ୍ଷର ହୋଇଛି ଗତଂଟ ।ଏଥିପାଇଁ ରାଜ୍ୟ ସରକାର ୧୩ ଶହ ଏକର ଜମି ଯୋଗାଇଦେବେ । ସେଥିମଧ୍ୟରୁ କଟକର ନରାଜରେ ଇଭି ପ୍ଲାଣ୍ଟ ପାଇଁ ୯ ଶହ ଏକର ଏବଂ ପାରାଦୀପରେ ଇଭି ବ୍ୟାଟେରୀ ପ୍ଲାଣ୍ଟ ପାଇଁ ୪ ଶହ ଏକର ଜମି ଯୋଗାଇବେ ରାଜ୍ୟସରକାର । ପ୍ରସ୍ତାବିତ ଇଭି ପ୍ଲାଣ୍ଟରେ ୪୦ ହଜାର କୋଟି ପୁଞ୍ଜି ନିବେଶ କରିବ ଜିନ୍ଦଲ ଗ୍ରୁପ୍ ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଁଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ



ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୂତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଅଧିକ ଫିଲ୍ମ, କମ୍ ଦର୍ଶକ

**କ**ରୋନାର ମହାପ୍ରକୋପ ପାଖାପାଖି ଦୁଇ ବର୍ଷ ସମଗ୍ର ବିଶ୍ୱକୁ ଅସ୍ତବ୍ୟସ୍ତ କରିଦେଇଥିବାବେଳେ ଅନେକ ସିନେମା ହଲ ମଧ୍ୟ ବନ୍ଦ ହୋଇଯାଇଛି। ତେବେ ପରବର୍ତ୍ତୀ ସମୟରେ ଯଦିଓ କିଛି କିଛି ନୂଆ ଚଳଚ୍ଚିତ୍ର ତିଆରି ହୋଇ ମୁକ୍ତିଲାଭ କଲାଣି। ବିଶ୍ୱରେ ଭାରତ ଦ୍ୱିତୀୟ ଜନବହୁଳ ଦେଶ। କିନ୍ତୁ ଫିଲ୍ମ ଦେଖିବାକୁ ଯାଉଥିବା ଭାରତୀୟ ସିନେ ଦର୍ଶକଙ୍କ ସଂଖ୍ୟା ବିଶ୍ୱରେ ସର୍ବାଧିକ। ସେହିପରି ବିଶ୍ୱର ଦେଶଗୁଡ଼ିକ ମଧ୍ୟରେ ସବୁଠାରୁ ଅଧିକ ଚଳଚ୍ଚିତ୍ର ଭାରତରେ ନିର୍ମିତ ହୋଇଥାଏ। ତେବେ ଏ କୃତିତ୍ୱ ଭିତରେ ଭାରତୀୟ ଚଳଚ୍ଚିତ୍ର ଶିଳ୍ପରେ ଦେଖା ଦେଇଥିବା ଏକ ବିରୋଧାଭାସକୁ ଅଣଦେଖା କରାଯାଇ ନପାରେ। ବିଗତ ଦଶକରେ ଫିଲ୍ମ ସଂଖ୍ୟା ବଢ଼ି ଥିଲାବେଳେ ସିନେ ଦର୍ଶକଙ୍କ ସଂଖ୍ୟା କମି ଚାଲିଛି। ବିଶ୍ୱର ୬୯ଦେଶରେ ଚଳଚ୍ଚିତ୍ର ଶିଳ୍ପ ଓ ବକ୍ସଅଫିସ କରାବାର ନେଇ ଜାତିସଂଘ ସଂସ୍ଥା ୟୁନେସ୍କୋ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଏହି ସୂଚନା ମିଳିଛି। ୟୁନେସ୍କୋ ରିପୋର୍ଟ ଅନୁଯାୟୀ ଗତ ୨୦୧୨ରୁ ୨୦୨୨ ଦଶବର୍ଷ ମଧ୍ୟରେ ଭାରତରେ ନିର୍ମିତ ଚଳଚ୍ଚିତ୍ର ସଂଖ୍ୟା ଦ୍ୱିଗୁଣିତ ହୋଇଛି। ୨୦୧୨ରେ ଦେଶରେ ପ୍ରାୟ ଏକ ହଜାର ସିନେମା ତିଆରି ହୋଇଥିବା ବେଳେ ୨୦୨୨ ବେଳକୁ ତାହା ୨୧୦୭କୁ ବୃଦ୍ଧି ପାଇଥିଲା। ୟୁନେସ୍କୋ ମାପକାଠି ଅନୁଯାୟୀ ବ୍ୟବସାୟିକ ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ ଷାଠିଏ ମିନିଟ୍ କିମ୍ବା ତା ଠାରୁ ଅଧିକ ଅବଧିର ଯେ କୌଣସି ଚଳଚ୍ଚିତ୍ର ସେ କାହାଣୀ / ବିଷୟ ଆଧାରିତ ଅବା ଆନିମେସନ କିମ୍ବା ବୃତ୍ତି ଚିତ୍ର ହେଉ - ଫିଚର ଫିଲ୍ମ ଶ୍ରେଣୀଭୁକ୍ତ ଉଲ୍ଲେଖନୀୟ ହେଲା ଦେଶରେ ହିନ୍ଦୀ ଏବଂ ଅନ୍ୟ ଆଞ୍ଚଳିକ ଭାଷାରେ ଯେତିକି ସଂଖ୍ୟକ ସିନେମା ନିର୍ମିତ ହୁଏ ତାର ଅଧା ବି ସିନେମା ଏକନମ୍ବର ଜନବହୁଳ ଚୀନ କିମ୍ବା ବିଶ୍ୱର ଫିଲ୍ମ ଶିଳ୍ପର ରାଜଧାନୀ ଆମେରିକାର ହଲିଉଡରେ ତିଆରି ହୁଏନାହିଁ। ଉଭୟ ଚୀନ ଓ ଆମେରିକାରେ ବାର୍ଷିକ ନିର୍ମିତ ହେଉଥିବା ଫିଲ୍ମ ସଂଖ୍ୟା ଏକହଜାରରୁ କମ୍। ଜନସଂଖ୍ୟା ଦୃଷ୍ଟିରୁ ଭାରତଠାରୁ ଚୀନ ଆଗରେ। ଅଥଚ ଚୀନର ସିନେ ଦର୍ଶକଙ୍କ ସଂଖ୍ୟା ୨୦୨୧ରେ ୧୨୬୦ ନିୟୁତ। ସିନେ ଦର୍ଶକଙ୍କ ସଂଖ୍ୟା ଦୃଷ୍ଟିରୁ ଆମେରିକାର ସ୍ଥାନ ତୃତୀୟରେ। ସିନେ ଦର୍ଶକଙ୍କ ମୋଟ ସଂଖ୍ୟା ଦୃଷ୍ଟିରୁ ଭାରତ ବିଶ୍ୱରେ ଏକ ନମ୍ବର ସ୍ଥାନ ବଜାୟ ରଖିଥିଲେ ମଧ୍ୟ ବିଗତ ଗୋଟିଏ ଦଶକରେ ଦେଶରେ ଫିଲ୍ମ ଦେଖିବାକୁ ଯାଉଥିବା ଦର୍ଶକଙ୍କ ସଂଖ୍ୟା ଲଗାତାର କମି ଚାଲିଛି। ୨୦୧୨ରୁ ୨୦୨୨ ମଧ୍ୟରେ ବାର୍ଷିକ ହାରାହାରି ୩୦୦୦ ନିୟୁତ ଦର୍ଶକ ଫିଲ୍ମ ଦେଖିବାକୁ ଯାଉଥିଲେ। ୨୦୦୯ରୁ ୨୦୧୨ ମଧ୍ୟରେ ଏହି ସଂଖ୍ୟା ୨୦୦୭ ଥିଲା।

ସିନେମା ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ ମୋଟ ରୂପେଲି ପରଦା ସଂଖ୍ୟା ଦୃଷ୍ଟିରୁ ଭାରତର ସ୍ଥାନ ତୃତୀୟ। କିନ୍ତୁ ଲୋକସଂଖ୍ୟା ଅନୁପାତରେ ହଲ୍/ପରଦା ସଂଖ୍ୟା ବିଚାର କଲେ ଭାରତର ସ୍ଥାନ ୬୯ ଦେଶଙ୍କ ଭିତରେ ସବୁଠାରୁ ତଳେ। ଭାରତରେ ପ୍ରତି ଏକ ଲକ୍ଷ ଲୋକସଂଖ୍ୟାର ୦.୯ଟି ପରଦା ଥିବାବେଳେ ଆମେରିକାରେ ପ୍ରତି ଏକ ଲକ୍ଷ ଲୋକଙ୍କ ପାଇଁ ୧୪ଟି ପରଦା ଅଛି। ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ ଭାରତର ମୋଟ ପରଦା ସଂଖ୍ୟା ୧୧୧୮୯। ଆମେରିକା ଓ ଚୀନ୍‌ରେ ସିନେ ପରଦା ସଂଖ୍ୟା ଯଥାକ୍ରମେ ୪୦ ହଜାର ଓ ୩୧ ହଜାର। ସବୁଠାରୁ ଅଧିକ ସଂଖ୍ୟକ ଫିଲ୍ମ ତିଆରି ହେଉଥିଲେ ମଧ୍ୟ ବକ୍ସ ଅଫିସ କାରବାରରେ ଭାରତର ସ୍ଥାନ ଚତୁର୍ଥ। ଭାରତରେ ହାରାହାରି ବାର୍ଷିକ ବକ୍ସ ଅଫିସ ଆୟ ପରିମାଣ ୧.୯ ବିଲିଅନ ଡଲାର ଥିବାବେଳେ ୧୧.୪ ବିଲିଅନ ଡଲାର ସହ ଆମେରିକା ଏକ ନମ୍ବର ଓ ୬.୬ ବିଲିଅନ୍ ଡଲାର ସହ ଚୀନ ଦୁଇ ନମ୍ବରରେ ରହିଛି। ବକ୍ସ ଅଫଇସ କାରବାରରେ ତୃତୀୟ ସ୍ଥାନରେ ରହିଛି ଜାପାନ (୨ମିଲିଅନ୍ ଡଲାର)। ୟୁନେସ୍କୋ ରିପୋର୍ଟ ଅନୁଯାୟୀ ଭାରତ ଓ ବିଶ୍ୱର ଅନ୍ୟ ଦେଶଗୁଡ଼ିକ ଅପେକ୍ଷା ଚୀନରେ ଚଳଚ୍ଚିତ୍ର ଶିଳ୍ପର ଅଭିବୃଦ୍ଧି ଅଧିକ। ଏହି ଧାରା ଜାରି ରହିଲେ ଚୀନ୍ ଅଦୂର ଭବିଷ୍ୟତରେ ଆମେରିକାକୁ ଟପି ଯାଇ ଚଳଚ୍ଚିତ୍ର ଶିଳ୍ପରେ ଶୀର୍ଷ ସ୍ଥାନ ଅଧିକାର କରିବ ବୋଲି ଆକଳନ କରାଯାଉଛି। ଭାରତୀୟ ସିନେମାରେ ମଧ୍ୟ ପ୍ରଚୁର ଦର୍ଶକୀୟ ଆଦୃତି ରହିଛି ଯଦିଓ କରୋନା ସମୟରେ ଅନେକ ସିନେମା ମୁକ୍ତିଲାଭ କରିପାରିଲାନି ଏବଂ ଚଳଚ୍ଚିତ୍ର ଶିଳ୍ପ ମଧ୍ୟ ବଡ଼ କ୍ଷତି ସହିଲା। ତେବେ ଏ ସବୁ ଭିତରେ ଓଟିଟି ପ୍ଲାଟଫର୍ମରେ ଅନେକ ସିନେମା ମୁକ୍ତିଲାଭ କରି ଦର୍ଶକଙ୍କୁ ଖୁସି ଦେଇପାରିଛି। ତେବେ ଭଗବାନ କରନ୍ତୁ କରୋନା କଟକଣା ହଟିଯାଉ ଏବଂ ସର୍ବୋପରି କରୋନାର ପ୍ରକୋପ ଅନ୍ତ ହେଉ ଯାହାଦ୍ୱାରା ଦର୍ଶକମାନେ ପୂର୍ବପରି ସପରିବାର ସିନେମା ହଲକୁ ଯାଇ ଚଳଚ୍ଚିତ୍ର ଦେଖିପାରିବେ। ଯଦିଓ ବର୍ତ୍ତମାନର ସୂଚନା ପ୍ରଯୁକ୍ତି ଓ ସୋସିଆଲ ମିଡ଼ିଆ ଯୁଗରେ ହାତପାଆନ୍ତାରେ ସବୁ ଚଳଚ୍ଚିତ୍ର ଉପଲବ୍ଧ ତେବେ ଯାହାହେଲେ ବି ସିନେମା ହଲର ଖୁସି ନିଆରା।

# ଯକ୍ଷ୍ମାର ବିଭୀଷିକା ଓ ଭାରତ




**ମା**ର୍ଚ୍ଚ ୨୪ ତାରିଖ ବିଶ୍ୱ ଯକ୍ଷ୍ମା ଦିବସ। ଏହି ଅବସରରେ ଜନସାଧାରଣ ସଂକ୍ରାମକ ଯକ୍ଷ୍ମା ରୋଗର ସଂପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ସଂକଳ୍ପବଦ୍ଧ ହେବା ସହିତ ସରକାରଙ୍କ ପକ୍ଷରୁ ବିଭିନ୍ନ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥାଏ। ସମୟ ଥିଲା, ଯେତେବେଳେ ରାଜଯକ୍ଷ୍ମା ନାମରେ ପରିଚିତ ଏହି ବ୍ୟାଧିରେ ଆକ୍ରାନ୍ତ ହୋଇ ଅସଂଖ୍ୟ ଜୀବନ ଅକାଳରେ ଝଡ଼ି ପଡୁଥିଲା। ଗୋଟିଏ ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ, ଅନ୍ୟମାନଙ୍କୁ ମଧ୍ୟ ଏହା ସଂକ୍ରମିତ ହୋଇ ଏକ ବିଭୀଷିକାମୟ ପରିସ୍ଥିତି ସୃଷ୍ଟି ହେଉଥିଲା। ସେତେବେଳେ ଏହା ଏକ ଦୁରାରୋଗ୍ୟ ବ୍ୟାଧି ରୂପେ ପରିଗଣିତ ହେଉଥିଲା। ଇଜିପ୍ଟ ଦେଶରେ ହଜାର ହଜାର ବର୍ଷ ପୂର୍ବର 'ମମି'ରେ ମଧ୍ୟ ଯକ୍ଷ୍ମା ରୋଗର ନମୁନା ଦେଖିବାକୁ ମିଳିଥିଲା। ଅର୍ଥାତ୍ ଏତେ ପ୍ରାଚୀନ କାଳରେ ମଧ୍ୟ ଯକ୍ଷ୍ମା ଏକ ଭୟଙ୍କର ଘାତକ ବ୍ୟାଧି ଭାବରେ ଆତଙ୍କ ସୃଷ୍ଟି କରିଥିଲା। ୧୮୮୨ ମସିହା ମାର୍ଚ୍ଚ ୨୪ ତାରିଖରେ ସାର୍ ରବର୍ଟ ଜ୍ୟାକ୍ ସର୍ବପ୍ରଥମେ ଏହି ରୋଗ 'ମାଇକୋବ୍ୟାକ୍ଟେରିଅମ୍ ଟ୍ୟୁବରକ୍ୟୁଲୋସିସ୍' ନାମକ ଜୀବାଣରୁ ବ୍ୟାପୁଛି ବୋଲି ଜାଣିବାକୁ ପାଇଥିଲେ। ଏହା ପୂର୍ବରୁ ଯକ୍ଷ୍ମା ରୋଗର କାରଣ ସମସ୍ତଙ୍କ ପାଇଁ ଅଜଣା ଥିଲା। ତାଙ୍କର ଏହି ଗବେଷଣା ଯୋଗୁଁ ଯକ୍ଷ୍ମାର ଚିକିତ୍ସା ଓ ନିୟନ୍ତ୍ରଣ ବିଶେଷ ଫଳପ୍ରଦ ହୋଇପାରିଥିଲା। ୧୯୮୨ ମସିହାରେ ଏହି ଜୀବାଣୁ ଅନ୍ୱେଷଣର ଏକ ଶହ ବର୍ଷ ପୂରଣ ହେବା ଯୋଗୁଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖକୁ ବିଶ୍ୱ ଯକ୍ଷ୍ମା ଦିବସ ରୂପେ ପାଳନ କରିଆସୁଛି। ଏହି ଦିବସରେ ଯକ୍ଷ୍ମା ରୋଗ ସଂପର୍କରେ



ଜନ ସଚେତନତା ଅଭିଯାନକୁ ବ୍ୟାପକ କରାଯାଇଥାଏ, ଯାହାଫଳରେ ଏହି ରୋଗକୁ ନେଇ ରହିଥିବା କୁସଂସ୍କାର ଓ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ପ୍ରୟାସ କେତେକାଂଶରେ ସଫଳ ହୁଏ। ଯକ୍ଷ୍ମା ସମାଜର ସବୁ ବର୍ଗ ତଥା ସବୁ ବୟସର ଲୋକଙ୍କୁ ପ୍ରଭାବିତ କରିଥାଏ। ବିଶ୍ୱର ଅନେକ ମହାନ୍ ଖ୍ୟାତିସଂପନ୍ନ ବ୍ୟକ୍ତି ଏହି ରୋଗର ଶିକାର ହୋଇଥିବାର ଦୃଷ୍ଟାନ୍ତ ରହିଛି। ସାଧାରଣତଃ ଜନସାଧାରଣଙ୍କ ମଧ୍ୟରେ ଏକ ଭୁଲ ଧାରଣା ରହିଛି ଯେ, ଏହା ଜିନ୍‌ଗତ ଦୋଷରୁ ହୋଇଥାଏ। ମାତ୍ର ତାହା ଆଦୌ ଠିକ୍ ନୁହେଁ। ଗୋଟିଏ ଛୋଟ କୋଠରୀ ଭିତରେ ଅନେକ ଲୋକ ଏକ ସଙ୍ଗେ ରହିଲେ, ଏହି ରୋଗ ବ୍ୟାପିଥାଏ। ଏହି ବ୍ୟାକ୍ଟେରିଆ ଶରୀରର ସମସ୍ତ ଅଙ୍ଗକୁ ସଂକ୍ରମିତ କରିଦିଏ। ସାଧାରଣତଃ ଏହା ମସ୍ତିଷ୍କ, ହାଡ଼, ଗଣ୍ଠି, ଜରାୟୁ, ଆଖି, ଚମଡ଼ା, ହୃଦ୍‌ଯନ୍ତ୍ର, ଫୁସ୍‌ଫୁସ୍, ଖାଦ୍ୟନଳୀ, ଯକୃତ, ବୃକକ୍, ପ୍ଲିହା, ଅଗ୍ନ୍ୟାଶୟ ଓ ଜନନେନ୍ଦ୍ରିୟ ଇତ୍ୟାଦି ସଂକ୍ରମିତ କରି ରୋଗୀର ମୃତ୍ୟୁର କାରଣ ହୋଇଥାଏ। ମହିଳାଙ୍କ ମଧ୍ୟରେ ବନ୍ଧ୍ୟା ଦୋଷର ମୁଖ୍ୟ କାରଣ ହେଉଛି, ସେମାନେ ଜରାୟୁ ଯକ୍ଷ୍ମାରେ ସଂକ୍ରମିତ ବୋଲି ଡାକ୍ତରମାନେ ମତ ଦେଉଛନ୍ତି। ଆମ ଦେଶରେ ମୋଟ ଜନସଂଖ୍ୟାର ୪୦ ପ୍ରତିଶତ ଲୋକଙ୍କ ଠାରେ ଏହି ଜୀବାଣୁ ରହିଛି। ମାତ୍ର ରୋଗ କେବଳ ଦେଢ଼ ପ୍ରତିଶତ ଜନସଂଖ୍ୟା ମଧ୍ୟରେ ରହିଛି ବୋଲି ସମୀକ୍ଷାରୁ ଜଣାପଡ଼ିଛି। ଯଦି ଜଣେ ବ୍ୟକ୍ତି ମଧୁମେହ କିମ୍ବା ଏଚ୍‌ଆଇଭି ଦ୍ୱାରା ସଂକ୍ରମିତ ହୁଏ ତେବେ ସେ ଯକ୍ଷ୍ମାରେ ଆକ୍ରାନ୍ତ ହେବାର ଆଶଙ୍କା ଅନେକ ଗୁଣ ବୃଦ୍ଧି ପାଇଥାଏ। ରୋଗୀର ରୋଗପ୍ରତିରୋଧକ ଶକ୍ତି କମିଗଲେ ଏହି ଟିବି ଜୀବାଣୁ ଶରୀରର ସମସ୍ତ ଅଂଶକୁ ଆକ୍ରାନ୍ତ କରେ ଏହାକୁ ଟ୍ୟୁବରକ୍ୟୁଲାସ୍ ସେପଟିସିମିଆ କୁହାଯାଏ। ଭାରତରେ ପ୍ରତିଦିନ ପ୍ରାୟ ୪୦ ହଜାରରୁ ଅଧିକ ଲୋକ ଯକ୍ଷ୍ମାରେ ସଂକ୍ରମିତ ହୋଇଥାନ୍ତି। ଦେଶରେ ପ୍ରତି ଦେଢ଼ ମିନିଟ୍‌ରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଯକ୍ଷ୍ମା ରୋଗ ଦ୍ୱାରା ହେଉଛି। ସମଗ୍ର ବିଶ୍ୱରେ ପ୍ରତିବର୍ଷ ୧୮ ଲକ୍ଷ ଲୋକ ଏହି ରୋଗରେ ପ୍ରାଣ ହରାଉଥିବା ବେଳେ ଆର୍ଥିକ ବିକାଶକୁ ମଧ୍ୟ ଏହା ପ୍ରଭାବିତ କରିଥାଏ। ଭାରତରେ ପ୍ରତିବର୍ଷ ଏଥିପାଇଁ ୧୨ ହଜାର କୋଟି ଟଙ୍କା କ୍ଷତି ଘଟୁଛି ଏବଂ ବହୁ ସଂଖ୍ୟକ କାର୍ଯ୍ୟ ଦିବସ ପ୍ରଭାବପିତ ହେଉଛି। ଯକ୍ଷ୍ମା ଯୋଗୁଁ ପ୍ରତିବର୍ଷ ଦେଶରେ ପ୍ରାୟ ଏକ ଲକ୍ଷ ମହିଳାଙ୍କ ସହ ସଂପର୍କ ଛିନ୍ନ କରାଯାଉଛି ଏବଂ ତିନିଲକ୍ଷ ଶିଶୁ ବିଦ୍ୟାଳୟ ଛାଡ଼ିବାକୁ ବାଧ ହେଉଛନ୍ତି।

ସର୍ବଶେଷ ତଥ୍ୟ ଅନୁଯାୟୀ ଆମ ଦେଶରେ ମାତୃ ମୃତ୍ୟୁହାର ତୁଳନାରେ ଯକ୍ଷ୍ମା ଜନିତ ମୃତ୍ୟୁହାର ଯଥେଷ୍ଟ ଅଧିକ। ଶିଶୁଙ୍କ ବିସିଜି ଟୀକା ଦିଆଯିବା ଦ୍ୱାରା ଏହି ରୋଗ କିଛି ପରିମାଣରେ ନିୟନ୍ତ୍ରିତ ହେଉଛି। ଭାରତରେ ଅବଶ୍ୟ ଏହି ରୋଗ ପାଇଁ ମାଗଣା ଚିକିତ୍ସାର ବ୍ୟବସ୍ଥା କରାଯାଇଛି। ଏହା ସତ୍ତ୍ୱେ ଏହି ରୋଗକୁ ଏ ପର୍ଯ୍ୟନ୍ତ ଦେଶରୁ ସଂପୂର୍ଣ୍ଣ ମୂଳପୋଛ କରିବା ସମ୍ଭବପର ହୋଇନାହିଁ। ରାଜଯକ୍ଷ୍ମା ଏବେ ସମଗ୍ର ଦେଶରେ ଏକ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଥିବାବେଳେ ଓଡ଼ିଶାରେ ମଧ୍ୟ ଏହାର ପ୍ରାର୍ଦୁଭାବ କିଛି କମ ନୁହେଁ। ନିକଟରେ କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ସାରା ଦେଶରେ ଥିବା ଯକ୍ଷ୍ମା ଆକ୍ରାନ୍ତଙ୍କ ମଧ୍ୟରୁ ଏକ ବଡ଼ ଅଂଶ ଓଡ଼ିଶାରେ ଅଛନ୍ତି। ଓଡ଼ିଶାରେ ଯକ୍ଷ୍ମା ରୋଗୀଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଯୋଗାଇଦେବା ଉଦ୍ଦେଶ୍ୟରେ ଚାନ୍ଦପୁରଠାରେ କିଛି ବର୍ଷ ପୂର୍ବେ ସ୍ଥାପିତ ହୋଇଥିଲା ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସ। ଅନ୍ୟାନ୍ୟ ମେଡ଼ିକାଲ କଲେଜ ଓ ସରକାରୀ ଚିକିତ୍ସାଳୟରେ ମଧ୍ୟ ଏଥିପାଇଁ ବ୍ୟବସ୍ଥା କରାଯାଇଛି। ଅଭିଜ୍ଞତାରୁ ଦେଖାଯାଉଛି ଯେ, ବହୁତ ଗରିବ ରୋଗୀମାନେ ସରକାରଙ୍କର ଚିକିତ୍ସା ପାଣ୍ଠି ଓ ବିଭିନ୍ନ ସ୍ୱାସ୍ଥ୍ୟବୀମା ଯୋଜନା ମାଧ୍ୟମରେ ମାଗଣାରେ ଏହି ଚିକିତ୍ସା ପାଉଛନ୍ତି। ଚିକିତ୍ସା ବିଜ୍ଞାନର ଅଗ୍ରଗତି ସହ ତାଳଦେଇ ଯକ୍ଷ୍ମା ରୋଗର ନିରାକରଣ ଦିଗରେ ଯଥେଷ୍ଟ ଧ୍ୟାନ ଦିଆଯିବାର ଆବଶ୍ୟକତା ଦେଖା ଦେଇଛି।

## କାଉନସିଲର ପ୍ରାର୍ଥୀ ମହିଳାଙ୍କୁ ଟଙ୍କା ବାଣ୍ଟିବାର ଭିଡ଼ିଓ ଭାଇରାଲ ଘଟଣା

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ରେମୁଣା ଏନଏସି ନିର୍ବାଚନରେ ଜନୈକ କାଉନସିଲର ପ୍ରାର୍ଥୀ ତାଙ୍କ କାଉନସିଲର ପ୍ରାର୍ଥୀନୀ ଭାଉଜଙ୍କ ପାଇଁ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାଙ୍କୁ ଭୋଟ ଦେବା ପାଇଁ ଟଙ୍କା ବାଣ୍ଟୁଥିବାର ଏକ ଭିଡ଼ିଓ ସାମାଜିକ ଗଣ ମାଧ୍ୟମରେ ଭାଇରାଲ ହେବାର ଆଲୋଡନ ସୃଷ୍ଟି କରିଛି। ସୂଚନା ମୁତାବକ ରେମୁଣା ଏନଏସି ୬ ନମ୍ବର ୱାର୍ଡ଼ରେ ପ୍ରମିଳା ଦାସ ଏବଂ ୫ ନଂ ୱାର୍ଡ଼ରେ ଲକ୍ଷ୍ମୀକାନ୍ତ ଦାସ ବିଜେଡ଼ି କାଉନସିଲର ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସମ୍ପର୍କରେ ଉଭୟ ଦିଅର ଓ ଭାଉଜ ଅଟନ୍ତି। ଲକ୍ଷ୍ମୀକାନ୍ତ ମଙ୍ଗଳବାର ଦିନ ୬ ନଂ ୱାର୍ଡ଼ର ବିବେକାନନ୍ଦ ସ୍କୁଲ ପାଖରେ ଏସଏଚଜି ମହିଳାଙ୍କୁ ଭେଟି ୧୦ ଜଣିଆ ଗୃପକୁ ସଭ୍ୟା ପିଛା ୩୦୦ ଟଙ୍କା ଲେଖାଏଁ ମୋଟ ୩ ହଜାର ଟଙ୍କା ଦେଇ ଚେୟାରମେନ ଏବଂ କାଉନସିଲରଙ୍କୁ ଶଙ୍ଖ ଚିହ୍ନରେ ୨ ଟି ଭୋଟ ଦେବାକୁ କହୁଛନ୍ତି ବୋଲି ସାମାଜିକ ଗଣ ମାଧ୍ୟମରେ ପ୍ରଚାର ହେଉଛି। ଏପରିକି ନିଜ ସ୍ୱାମୀଙ୍କୁ ଏକଥା ନ କହିବାର ମଧ୍ୟ କହୁଥିବାର ଭିଡିଓରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଗନିପୁର ପଞ୍ଚାୟତର ପୂର୍ବତ୍ତନ ସରପଞ୍ଚ ଲକ୍ଷ୍ମୀକାନ୍ତ ଦାସ ଅଳ୍ପ ଦିନ ତଳେ କଂଗ୍ରେସ ଦଳ ଛାଡ଼ି ବିଜେଡ଼ି ରେ ଯୋଗ ଦେଇଛନ୍ତି ତେଣୁ ସର୍ତ ମୁତାବକ ବିଜେଡ଼ି ଦଳ ତାଙ୍କୁ ୫ ନଂ, ତାଙ୍କ ଭାଉଜ ଙ୍କୁ ୬ ନଂ ଏବଂ ତାଙ୍କ ଅନ୍ୟ ଜଣେ ସମର୍ଥକ ଅଜୟ ଘଡ଼ଇ ଙ୍କୁ ୨ ନଂ ୱାର୍ଡ଼ କାଉନସିଲର ଟିକେଟ ମିଳିଛି। ଯେଉଁଥିପାଇଁ ସମ୍ପୃକ୍ତ ୱାର୍ଡ଼ରେ ବିଜେଡ଼ି ଓ ସ୍ୱାଧୀନ ପ୍ରାର୍ଥୀ ପରକ୍ଷରେ ବିକଳ୍ପ ପ୍ରାର୍ଥୀ ସମର୍ଥନ କରୁଛନ୍ତି। ଏହି ଟଙ୍କା ବାଣ୍ଟିବାର ଭିଡ଼ିଓ ଭାଇରାଲ ହେବା ପରେ ନିର୍ବାଚନ ଆଚରଣ ବିଧି ଉଲଙ୍ଘନର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣ ରେ ଦାବି ହୋଇଛି। ତେବେ ଟଙ୍କା ବାଣ୍ଟିବାର ଭାଇରାଲ ଭିଡ଼ିଓ ସୂଚନା କମିସନରଙ୍କ ପାଖକୁ ଆସିଛି। ଏହାର ତଦନ୍ତ ପାଇଁ ଜିଲ୍ଲା ପ୍ରଶାସନ ନିକଟକୁ ପଠାଯାଇଛି। ତଦନ୍ତ କରି ନିର୍ବାଚନ କମିସନର ଆଦିତ୍ୟ ପ୍ରସାଦ ପାଢ଼ୀ ଆବଶ୍ୟକ ପଦକ୍ଷେପ ନେବା ପାଇଁ କହିଛନ୍ତି।

## ମୃତ୍ୟୁଯନ୍ତା ପାଲଟିଛି ୫୩ ନମ୍ବର ଜାତୀୟ ରାଜପଥ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ପଶ୍ଚିମାଚଂଳ ଦେଇ ଯାଇଥିବା ୫୩ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଦୀର୍ଘ ୭ବର୍ଷ ହେଲା ଶେଷ ହୋଇ ପାରୁନାହିଁ। କେବେ ସରିବ ଏହାର ଉତର ମଧ୍ୟ କାହା ପାଖରେ ନାହିଁ। ଫଳରେ ପାର୍ଶ୍ୱବର୍ତୀ ଅଞ୍ଚଳବାସୀଙ୍କ ପାଇଁ ମରଣଯନ୍ତା ପାଲଟିଛି ଏହି ରାସ୍ତା। ଇତି ମଧ୍ୟରେ ପୂର୍ବ ଠିକାସଂସ୍ଥା ଆଇସୋଲେକ୍ସ କମ୍ପାନୀ କାମ ଛାଡି ଚାଲି ଯାଇଥିବା ବେଳେ ଏବେ ଏମ୍‌ଏସ୍‌ଆଇଏଲ୍ ଠିକାସଂସ୍ଥା ରାସ୍ତା କାମ କରୁଛି। ମନ୍ଥର ଗତିରେ କାମ ହେଉଥିବାରୁ ଉକ୍ତ ରାଜପଥ ସଂପ୍ରସାରଣ କାର୍ଯ୍ୟ ଶେଷ ହେବା ନେଇ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଚଣ୍ଡିଖୋଲ ଠାରୁ ଡୁବୁରି ପର୍ଯ୍ୟ' ଯାଇଥିବା ଏହି ରାଜପଥକୁ ପ୍ରଶସ୍ତୀକରଣ ଓ ରକ୍ଷଣାବେକ୍ଷଣ ନାଁରେ ଦୀର୍ଘବର୍ଷ ହେଲା ମରାମତି କରା ଯାଉନାହିଁ। ଅଧିକାଂଶ ସ୍ଥାନରେ ଭାଙ୍ଗିରୁଜି ଯାଇଥିବା ଉକ୍ତ ଖଣ୍ଡିଆ ଖାବଡା ରାସ୍ତାରେ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ଗତ ୭ବର୍ଷ ମଧ୍ୟରେ ଦୁର୍ଘଟଣାରେ ୫୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିବା ବେଳେ ଶତାଧିକ ଗୁରୁତର ଆହତ ହୋଇଛିର୍। ଏପରିକି ଦୁର୍ଘଟଣା ସମୟରେ ଆହତମାନଙ୍କୁ ଉଦ୍ଧାର କରିବାପାଇଁ ଆସୁଥିବା ଆମ୍ବୁଲାନ୍‌ସ ଓ ଦମକଳ ଗାଡି ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛର୍। ଦିନ ଦିନ ଧରି ରାସ୍ତା ଜାମ୍ ହୋଇ ଯାଉଛି। ଟ୍ରାଫିକ୍ ଭିଡରେ ଘଣ୍ଟାଘଣ୍ଟା ଧରି ରାସ୍ତାରେ ଅଟକି ରହୁଥିବା ଗାଡ଼ିଗୁଡ଼ିକୁ ଅତିକ୍ରମ କରିବାପାଇଁ କାର୍ ଓ ବାଇକ୍ ଆରେହୀମାନଙ୍କୁ ନାକେଦମ୍ ହେବାକୁ ପଡୁଛି। ପ୍ରତ୍ୟହ କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ଯାଜପୁର ରୋଡ୍, ଚଣ୍ଡିଖୋଲ, ପାରାଦୀପ, ଦୈତାରୀ, ଢେଙ୍କାନାଳ ଜିଲ୍ଲା ଆଦି ବିଭିନ୍ନ ସ୍ଥାନକୁ ହଜାର ହଜାର ଗାଡିମୋଟର ଯା'ଆସ କରର୍। ସ୍କୁଲ, କଲେଜ୍ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ, ସରକାରୀ ଓ ବେସରକାରୀ କର୍ମଚାରୀ ଏହି ରାସ୍ତାରେ ବିଭିନ୍ନ ସ୍ଥାନକୁ ଯାଇଥାନ୍ତି। ଏହି ରାସ୍ତାଦେଇ ଲଘୁ ଖଣିଜ ସମ୍ପଦ ୮ ଟି ଜିଲାକୁ ପରିବହନ ହେଉଥିବା ବେଳେ ଏଥିରୁ ବିପୁଳ ପରିମାଣର ରାଜସ୍ୱ ଆଦାୟ କରାଯାଉଛି। ବିଶେଷ କରି ପାରାଦ୍ୱୀପକୁ ଲୁହାପଥର ପରିବହନ, କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଭାରୀଯାନ ଯାତାୟତ ଓ ସ୍ଥାନୀୟ ଅଞ୍ଚଳରୁ କଳାପଥର ବୋଝେଇ ଓଭରଲୋଡ୍ ହାଇୱା, ଟ୍ରକ୍ ଆଦି ଗାଡିମୋଟର ଯା'ଆସ କରିବା ଫଳରେ ରାସ୍ତା ଦବି ଯିବା ସହ ଭାଙ୍ଗିରୁଜି ଯାଇଛି। ସୂଚନାଯୋଗ୍ୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଉଦ୍ୟମରେ ନିର୍ମିତ ଏହି ରାସ୍ତାକୁ ପ୍ରଥମେ ତ୍ୱରିତ ରାଜପଥ ନାମରେ ନାମିତ କରା ଯାଇଥିଲା। ସେତେ ବେଳେ ଏହି ରାସ୍ତା ଧର୍ମଶାଳା, ବଡ଼ଚଣା ଓ ସୁକିନ୍ଦାବାସୀଙ୍କ ଜୀବନରେଖା ପାଲଟିଥିବା ବେଳେ ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି ଘଟିଥିଲା। ପରବର୍ତୀ ସମୟରେ ୨୦୦ନମ୍ବର ଏବଂ ଏବେ ଏହାକୁ ୫୩ନମ୍ବର ଜାତୀୟ ରାଜପଥ ନାମରେ ନାମିତ କରାଯାଇଛି। ଧର୍ମଶାଳା ବ୍ଲକର ହରିଦାସପୁର, ଆରୁହା, ପାଖର, ତରିଆ, ମହିସରା, ପୁରୁଣାବଉଳମାଳ, ସାହାଣିଡିହ, ଥାନୁଆଳ, ସମ୍ପାରୁ, ଗଡ଼ମଧୁପୁର, କମାଗଡ଼, ଅଣ୍ଟିଆ, ଚକ୍ରଧରପୁର, ଏଣ୍ଡଳବା, କବାଟବନ୍ଧ, ମଧୁସୂଦନପୁର, ମର୍ଜତାପୁର, ରାଇଛନ୍ଦା, ରେଖିଦେଇପୁର, ତାଳଜଙ୍ଗ, ଥିରା, ବୃନ୍ଦାଦେଇପୁର, ଜେନାପୁର ଆଦି ୨୫ଟି ପଞ୍ଚାୟତର ଜନସାଧାରଣଙ୍କ ଯାତାୟତ ପାଇଁ ମୁଖ୍ୟତ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ସେହିପରି ସୁକିନ୍ଦା ନିର୍ବାଚନ ମଣ୍ଡଳୀର ୨୨ଟି ପଞ୍ଚାୟତ ଓ ବଡ଼ଚଣାର ୫ଟି ପଞ୍ଚାୟତ ଜନସାଧାରଣ ଏହି ଜାତୀୟ ରାଜପଥରେ ଯାତାୟାତ କରିଥା'ନ୍ତି। ମାତ୍ର ରାସ୍ତା ପ୍ରଶସ୍ତୀକରଣ ଓ ମରାମତି କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଯାହା ଜନସାଧାରଣଙ୍କ ପାଇଁ ପ୍ରତି ମୁହୂର୍ତ୍ତରେ ବିପଦର କାରଣ ପାଲଟିଛି। କବାଟବନ୍ଧ ନିକଟରେ ବ୍ରାହ୍ମଣୀନଦୀ ଉପରେ ନିର୍ମିତ ପୁରୁଣା ବ୍ରିଜ୍ ଗାଡ଼ି ଗଲାବେଳେ ଦୋହଲୁଛି। ଏହି ପୋଲ ଉପରେ ଭାରୀଯାନ ଚଳାଚଳ କରିବାକୁ ନିରାପଦ ମଣୁନାହାନ୍ତି। ଦୀର୍ଘ ସମୟ ଧରି ପୋଲ ଉପରେ ଟ୍ରାଫିକ୍ ଜାମ୍ ରହୁଛି। ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଆନ୍ଦୋଳନ କରିଛନ୍ତି। କୌଣସି ସୁଫଳ ମିଳୁନାହିଁ। ମୁଖ୍ୟମନ୍ତ୍ରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଦି'ବ୍ରେନ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ରାଜଯକ୍ଷ୍ମା ଦିବସ ପାଳିତ




କଟକ (ପିଏନ୍): ସୂଚନା ଥାଉକି ୧୮୮୨ ମସିହା ଆଜିର ଦିନରେ ଜର୍ମାନ ଗବେଷକ ଡାକ୍ତର ରର୍ବଟ କୋଚ ଏହି ମାରାତ୍ମକ ବ୍ୟାଧି ସୃଷ୍ଟିକାରୀ ବୀଜାଣୁ 'ମାଇକୋବାକ୍ଟେରିଅମ୍ ଟ୍ୟୁବରକଲୋସିସ'ର ଆବିଷ୍କାର କରିଥିଲେ। ସୂଚନା ଥାଉକି ୨୦୨୦ରେ ବିଶ୍ୱର ଏକ କୋଟି ଲୋକ ଏଥିରେ ଆକ୍ରାନ୍ତ ହୋଇଥିଲେ ଏବଂ ପନ୍ଦର ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ। ଏଥିରେ ଆକ୍ରାନ୍ତତ ହେଉଥିବା ଏବଂ ପ୍ରାଣ ହରାଉଥିବା ରୋଗୀଙ୍କ ସଂଖ୍ୟା ସଂପ୍ରତି ଭାରତରେ ସର୍ବାଧିକ। ଠିକ ସମୟରେ ଚିକିତ୍ସା ଦ୍ୱାରା ୨୦୦୦ ମସିହାରୁ ଏ ଯାଏ ବିଶ୍ୱର ୬.୬ କୋଟି ରାଜଯକ୍ଷ୍ମା ରୋଗୀଙ୍କ ଜୀବନ ରକ୍ଷା କରାଯାଇଛି। ତେବେ କୋଭିଡ଼-୧୯ ମହାମାରୀ କାରଣରୁ ଏହାର ନିରାକରଣରେ ବାଧା ସୃଷ୍ଟି ହୋଇଛି। ଏକ ଦଶନ୍ଧି ପରେ ପ୍ରଥମ ଥର ପାଇଁ ୨୦୨୦ରେ ରାଜଯକ୍ଷ୍ମାରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ଏ ବର୍ଷ ଏହି ଦିବସ ପାଳନର ପ୍ରସଙ୍ଗ ହେଉଛି 'ରାଜଯକ୍ଷ୍ମାର ଲୋପ ପାଇଁ ବିନିଯୋଗ କରନ୍ତୁ। ଜୀବନ ବଞ୍ଚାନ୍ତୁ'। ଏହି ପ୍ରସଙ୍ଗ ମାଧ୍ୟମରେ ରାଜଯକ୍ଷ୍ମାର ନିରାକରଣ ଲାଗି ବିନିଯୋଗ ଓ ସମ୍ବଳର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଉଛି। ବିଶିଷ୍ଟ ଯୁବ ମାନସିକ ରୋଗ ବିଶେଷଜ୍ଞ ସମାଜ ସେବକ ଡାକ୍ତର ସମ୍ରାଟ କରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ସମାଜ ସେବିକା ଆଇନଜୀବୀ ଡକ୍ଟର ଗାୟତ୍ରୀ ଦେବୀ, ଅନ୍ୟତମ ଅତିଥି ଭାବେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡାକ୍ତର ଶୁଭଶ୍ରୀ ମିଶ୍ର, ଆଡ଼ଭୋକେଟ ସମ୍ବିତ କର, ରଶ୍ମିରଞ୍ଜନ ମହାପାତ୍ର, ବାସୁଦେବ ସାହୁ, ବ୍ରଜ କିଶୋର ବେହେରା, ବିକ୍ରମ ମଲ୍ଲିକ, ଭିକାରୀ ରାଉତ, ବେଣୁଧର ବେହେରା, ସତ୍ୟବ୍ରତ କର, ବଳରାମ ପ୍ରଧାନ, ଅତିସ ସିଲ, ମିହିର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସହରର ବିଭିନ୍ନ ଅଞ୍ଚଳରେ ରହୁଥିବା ଅସହାୟ ରୋଗୀ ମାନଙ୍କୁ ଖାଦ୍ୟ ପ୍ୟାକେଟ, ସାନିଟାଇଜର, ମାକ୍ସ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା।

## କସରଦା ପଞ୍ଚାୟତରେ ବିଜେପିର ଜନସମ୍ବାଦ ରାଲି

କସରଦା (ପିଏନ୍)-ନିଆଳୀ ବ୍ଲକ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ କସରଦା ପଞ୍ଚାୟତ ବିଜେପି କର୍ମୀ ମାନେ ନିଆଳୀ ନିର୍ବାଚନମଣ୍ଡଳୀ ବିଜେପି ଜନସମ୍ବାଦ ରାଲିରେ ଯୋଗ ଦେଇଥିବା ଜଣାଯାଇଛି। ଗଣେଶ ମନ୍ଦିର ବଡିଆସାହି ପ୍ରାଙ୍ଗଣରେ , ଜାଗୁଲାଇ ମନ୍ଦିର, କସରଦା ମୁଖ୍ୟ ଛକଠାରେ ସାମାଜିକ ଦୂରତ୍ୱ ରକ୍ଷା କରି ମାସ୍କ ପିନ୍ଧି ବିଜେପି କର୍ମୀ ମାନେ ଏହି ଭରଚୁଆଲ ରାଲିରେ ଯୋଗଦେଇଥିଫଲେ । ବିଜେପି ସରକାରର ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ସକାରର ୧ ବର୍ଷ ଉନ୍ନୟନ ମୂଳକ କାର୍ଯ୍ୟର ସୂଚି ପ୍ରଦାନ କରିଥିଲେ। ଏହି ସଭାରେ ନିଆଳୀ ନିର୍ବାଚନ ମକଣ୍ଡଳୀ ନେତା ଛବି ମଲ୍ଲିକ, କସରଦା ମଣ୍ଡଳ ସଭାପତି ପ୍ରଭାତ ଜେନା, ରଜନିକାନ୍ତ ମହାପାତ୍ର, ସାଗର ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରବିର ମହାନ୍ତି, ସୂର୍ଯ୍ୟକାନ୍ତ ମଲ୍ଲିକ, ଯୁଗଳ ଲେଙ୍କା, ସୌମ୍ୟରଂଜନ ଲେଙ୍କା, ନିରଂଜନ ବେହେରା, ବିଶ୍ୱନାଥ ମହାପାତ୍ର, ମଧୁ ମହାପାତ୍ର, ସବିତା ସ୍ୱାଇଁ, ସୁଧାରାଣୀ ସାହୁ , ରାଜେଶ ମହାରଣା, ରମେଶଚନ୍ଦ୍ର ସାହୁ, ନିରାକାର ଜେନା ପ୍ରମୁଖ ଯୋଗଦେଇଥିଲେ।

## ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ତ୍ରିନାଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଯାଇଛି। ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ମନୋରଂଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାହିତ୍ୟ ସଭାରେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, କବି ଡ. ପ୍ରଶା' କୁମାର ସ୍ୱାଇଁ ଓ ସମାଜସେବୀ କାହ୍ନୁଚରଣ ଦାଶ ଯୋଗ ଦେଇ କହିଥିଲେ, ପ୍ରାଚୀନ କବି ଓ ସାହିତ୍ୟିକମାନେ ରଚନା କରିଥିବା ଓଡ଼ିଆ ଭାଷା ସାହିତ୍ୟ କାଳଜୟୀ। ଅଧିକରୁ ଅଧିକ ଓଡ଼ିଆ ପୁସ୍ତକ ଇଂରାଜୀରେ ଓ ଅନ୍ୟ ଭାରତୀୟ ଭାଷାରେ ଅନୁବାଦ ହେବା ଦ୍ୱାରା ଓଡ଼ିଆ ଭାଷା ସମୃଦ୍ଧି ହେବା ସହିତ ପାଠକ ଗୋଷ୍ଠୀ ନିକଟରେ ପହଞ୍ଚି ପାରିବାର ସାମର୍ଥ୍ୟ ହାସଲ କରୁଛି। ଏଭଳି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିବା ଦ୍ୱାରା ଓଡ଼ିଆ ଜାତିର ଇତିହାସ ସର୍ବଭାରତୀୟ ସ୍ତରରେ ସୀକୃତ ଓ ସମ୍ମାନିତ ହୋଇଛି ବୋଲି ବକ୍ତାମାନେ କହିଥିଲେ। ଗୋକର୍ଣ୍ଣିକା ସମ୍ପାଦକ ରମାକା' ଜେନା, ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ସାହିତ୍ୟିକ ବେଣୁଧର ନାୟକ, ବ୍ୟଙ୍ଗ ଗାଳ୍ପିକ ସୁନାକର ସାହୁ, ସମାଜସେବୀ ଦୁର୍ଗାପ୍ରସନ୍ନ ଦାଶ, ଗାଳ୍ପିକ ଅର୍ଜୁନ ପୃଷ୍ଟି, ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ଶିଶୁ ସାହିତ୍ୟିକ ଅକ୍ଷୟ କୁମାର ଦାଶ, କୃଷକନେତା ବସ' କୁମାର ପରିଡ଼ା, ଅଧ୍ୟାପକ ଗୋକର୍ଣ୍ଣେଶ୍ୱର ଦାଶ, କବି ସଂଗ୍ରାମ କେଶରୀ ଜେନା, ଅଧ୍ୟାପକ ପ୍ରଭାଷ ଚନ୍ଦ୍ର ଚୋଲ୍, କବି ସବିତା ମିଶ୍ର, ସସ୍ମିତା ଦାଶ, ସୁବାସ ଚନ୍ଦ୍ର ସାହୁ, ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଯୁବନେତା ଉଗ୍ରସେନ ମହାି, ଦେବବ୍ରତ ରାଉତ ଓ ଅଧ୍ୟାପକ ବିଜୟ କୁମାର ନାୟକ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ସଂପର୍କରେ ଆଲୋଚନା କରିଥିଲେ। ସାମ୍ବାଦିକ ସୀତାକା' ସାମଲ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ଧନ୍ୟବାଦ ଦେଇଥିଲେ।




# ଫେରିପାଇଲା ସେ ଉଜୁଡ଼ା ପ୍ରେମ



ବାଉରିବନ୍ଧୁ ଲେଙ୍କା

'କଣ ହୋଇଛି ନୀରୁ ? କାହିଁକି ଏତେ ଉଦାସ ଲାଗୁଛ ?' ବୋଲି ପଚାରିଲା ଅଜୟ ।

'ନାଇଁ ସେପରି କିଛି ନାହିଁ ତ । ଆଜି କଣ ତମର ଏପରିକା ପ୍ରଶ୍ନ' ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲା ନୀରୁ ।

ଅଜୟ ମଧ୍ୟ କହିଥିଲା, 'ତମେ ଯେତେ ଲୁଚେଇଲେ କଣ ମୁଁ ଜାଣି ପାରିବିନି । ମୁହଁଟା ହେଉଛି ମନର ଅଇନା ସଦୃଶ । ମନର ଅବସ୍ଥା ମୁହଁରେ ପ୍ରତିଫଳିତ ହୋଇଥାଏ । ତମେ ସିନା ତମ ମୁହଁକୁ ଦେଖି ପାରୁନାହଁ, ହେଲେ ଅନ୍ୟମାନେ ତ ଦେଖିପାରୁଛନ୍ତି ନା ? ଠିକ୍ ଅଛି ତମେ ନ କହିଲେ ମୁଁ ବାଧ କରୁନି କହିବାକୁ । ମୁଁ ଆଜି ଆମ ଗାଆଁକୁ ପଳେଇ ଯାଉଛି ଗ୍ରୀଷ୍ମ ଛୁଟି ସରିବା ପାଖେଇ ଆସିଲାଣି । ୟୁନିଭରସିଟି ଖୋଲିଯିବ । ମୋତେ ପ୍ରସ୍ତୁତ ହୋଇ ଭୁବନେଶ୍ୱର ଯିବାକୁ ପଡିବ । ସେଥିପାଇଁ ଦେଖା କରିବାକୁ ଆସିଥିଲି । ପୂଜାଛୁଟିରେ ଆସିଲେ ଦେଖାହେବ ।'

'ହଁ ମୁଁ ଆଗରୁ ଜାଣିଛି ତମେ ଆଜି ଗାଆଁକୁ ଫେରି ଯାଉଛ ବୋଲି । ତମେ ଆଗରୁ ନ ଜଣେଇଲେ କଣ ମୁଁ ଜାଣି ପାରିବିନି । ଏବେ ତମ ପ୍ରଶ୍ନର ଉତ୍ତର ପାଇଲ ତ କାହିଁକି ଉଦାସ ଲାଗୁଥିଲି । ମୁଁ ଜାଣେନା ମୁଁ ଭୁଲ୍ କରିଛି କି ଠିକ୍ କରିଛି । ମଣିଷ ଜନ୍ମ ଯେତେବେଳେ ପାଇଛି, ଭୁଲ୍ ହୋଇଯିବା ସ୍ୱାଭାବିକ୍ । ଏକ ସାଧାରଣ ପରିବାରର ଝିଅ ମୁଁ । କେଉଁ ଏକ ଦୁର୍ବଳ ମୁହୂର୍ତ୍ତରେ ଆମେ ପରସ୍ପରକୁ ଭଲ ପାଇ ବସିଲେ । ସେତେବେଳେ ତ ମୁଁ ଭାବି ନଥିଲି ମୋର ବଂଶ ଆଭିଜାତ୍ୟ ଆଉ ପରିବାରର ଆର୍ଥିକ ଦୁରାବସ୍ଥା ବିଷୟରେ । ହଉ ଯାଅ । ମୋର ଶୁଭ କାମନା ତୁମ ପାଇଁ ରହିଛି ଓ ଜୀବନ ସାରା ରହିବ ମଧ୍ୟ । ଆସ ବା ନ ଆସ ହେଲେ 'ନୀରୁ' ନାଆଁଟିକୁ ଭୁଲିବନି ବୋଲି ଆଶା କରିବି' ବୋଲି ଏକା ନିଶ୍ୱାସରେ କହି ନୀରୁ ନିରବ ରହିଥିଲା ।

'ହଁ ନୀରୁ ଏ ସବୁର ଉତ୍ତର ସମୟ କହିବ । ଚେଷ୍ଟା କରିବି ଦେଇଥିବା କଥା ପୂରଣ କରିବା ପାଇଁ' ବୋଲି କହି ଅଜୟ ନୀରୁ ଠାରୁ ବିଦାୟ ନେଇ ସେଦିନ ଗାଆଁକୁ ଫେରି ଯାଇଥିଲା ।

ଅଜୟର ଗାଆଁ ନୀରୁଙ୍କ ଗାଆଁ ପାଖରୁ ପ୍ରାୟ କୋଡିଏ କିଲୋ ମିଟର ଦୂର ହେବ । ନୀରୁଙ୍କ ଗାଆଁରେ ତାର ମାମୁଁ ଘର । ଅନେକ ସମୟରେ ସେ ମାମୁଁ ଘରକୁ ଆସିଥାଏ । ନୀରୁ ସହ ସମ୍ପର୍କ ହେଲା ପରେ ସେ ମାମୁଁ ଘରକୁ, ଟିକିଏ ସୁଯୋଗ ମିଳିଲେ ପଳେଇ ଆସେ । ଏବେ ସେ ଉତ୍କଳ ୟୁନିଭରସିଟିରେ ଇତିହାସରେ ପୋଷ୍ଟ୍ ଗ୍ରାଜୁଏସନ୍ କରୁଛି । ଏଇଟା ତାର ଶେଷ ବର୍ଷ । ୟୁନିଭରସିଟି ଟପର ହେବାପାଇଁ ଦିନ ରାତି ଏକ କରି ପାଠ ପଢାରେ ବ୍ୟସ୍ତ । ସିଭିଲ୍ ସର୍ଭିସ୍ ପରୀକ୍ଷା ପାଇଁ ମଧ୍ୟ ଏକା ସଙ୍ଗେ preparation ଚାଲେଇଛି । ଘରେ କିଛି ଅଭାବ ନାହିଁ । ଜମିବାଡି ବହୁତ ରହିଛି । ବାପା ତାର ସେ ଅଞ୍ଚଳର ଜଣେ ଜଣା ଶୁଣା ବ୍ୟକ୍ତି । ଭଲ ମନ୍ଦ ଓ ନ୍ୟାୟ ନିଶାପରେ ଅନ୍ୟ ଗ୍ରାମର ଲୋକମାନେ ତାଙ୍କୁ ଭଦ୍ର ଲୋକ ଭାବେ ଡାକିଥାନ୍ତି ।

ପୂଜାଛୁଟିରେ ନୀରୁ ସହ ଦେଖା ହେବ ବୋଲି କହିଥିଲା ଅଜୟ । ନୀରୁକୁ ଦେଖା ନକଲେ ସେ ମନ ଦୁଃଖ କରିବ । ଏପଟେ ପାଠ ପଢାରେ ଢିଲା କଲେ ସେ ତାର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବନାହିଁ । ଅବଶେଷରେ ହଷ୍ଟେଲରେ ରହି ପୂରା ଦମ୍ ରେ ପ୍ରସ୍ତୁତି କରିବାର ନିଷ୍ପତି ନେଲା । ପୂଜାଛୁଟିରେ ଯାଇପାରୁନି ବୋଲି ଚିଠି ଖଣ୍ଡେ ଲେଖି ନୀରୁକୁ ଜଣେଇ ଦେଇଥିଲା ।

ନୀରୁର ସମସ୍ତ ପ୍ଲାନିଙ୍ଗ୍ ଫେଲ୍ ମାରିଲା । ଅଜୟର ଆସିବା ବନ୍ଦ ହୋଇଯିବାରୁ ତାକୁ ଭଲ ଲାଗୁ ନଥାଏ । ଏହି ସମୟରେ ତାର ହାଇ ସ୍କୁଲ ସମୟର ସାଙ୍ଗ ଚପଳା ଠାରୁ ଚିଠି ଖଣ୍ଡିଏ ପାଇଲା । ଚପଳା ଭୁବନେଶ୍ୱରର ରମାଦେବୀ ମହିଳା କଲେଜରେ ପ୍ଲସ୍ ଥ୍ରି ରେ ଅଧ୍ୟୟନ କରୁଥାଏ । ଚପଳାର ବାପା ଭୁବନେଶ୍ୱରରେ ସେକ୍ରେଟାରୀଏଟ୍ ରେ ଚାକିରି କରୁଥାନ୍ତି । ବାପାଙ୍କ ପାଖରେ ରହି ସେ ପଢୁଥିଲା । ଚପଳାର ଘର ନୀରୁଙ୍କ ଗାଆଁ ପାଖରେ ଥିବା ଅନ୍ୟ ଏକ ଗାଆଁରେ ଯେଉଁଠି ହାଇ ସ୍କୁଲ୍ ଅଛି । ସେଇ ସ୍କୁଲ୍ ରେ ୪ର୍ଥ ଶ୍ରେଣୀରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଦୁଇଜଣ ସାଙ୍ଗ ହୋଇ ପଢିଛନ୍ତି । ପରସ୍ପର ସହ ଅତ୍ୟନ୍ତ ଅନ୍ତରଙ୍ଗ ଥିଲେ । କ୍ଲାସରେ ଦୁଇଜଣ ପାଖାପାଖି ହୋଇ ବସୁଥିଲେ । ପାଠ ପଢାରେ ନୀରୁ ଚପଳା ଠାରୁ ବହୁତ ତେଜ୍ ଥିଲା । କ୍ଲାସରେ ସବୁବେଳେ ସେକେଣ୍ଡ ପୋଜିସନରେ ରହୁଥିଲା । ଚପଳା ନୀରୁକୁ ବହୁତ ଭଲ ପାଉଥିଲା । ଆବଶ୍ୟକ ପଡିଲେ ନୀରୁକୁ ସେ ଆର୍ଥିକ ସାହାଯ୍ୟ ମଧ୍ୟ କରୁଥିଲା । ବର୍ଷାଦିନ ମାନଙ୍କରେ ନୀରୁ ନିଜ ଘରକୁ ନଯାଇ ଚପଳାଙ୍କ ଘରେ ରହି ଯାଉଥିଲା । କୌଣସି ଲଙ୍କଭମପ୍ଲସଙ୍କଭ ଥିଲେ ଚପଳା ନୀରୁକୁ ତାଙ୍କ ଘରେ ରହିବାକୁ ବାଧ କରୁଥିଲା । ହାଇସ୍କୁଲ୍ ପାସ୍ କଲାପରେ ଚପଳା ଭୁବନେଶ୍ୱରରେ ବାପାଙ୍କ ପାଖରେ ରହି ରମାଦେବୀ ମହିଳା କଲେଜରେ ପଢିଲା । ନୀରୁ ଗାଆଁ ପାଖ ଏକ କଲେଜରେ ପ୍ଲସ୍ ଟୁ ପର୍ଯ୍ୟନ୍ତ ପଢି ଆର୍ଥିକ ଅସୁବିଧା ହେତୁ ପାଠପଢା ଛାଡି ଘରେ ରହିଲା । ଏତେ ଦିନପରେ ସେହି ଚପଳାଠାରୁ ଚିଠିଟିଏ ପାଇ ଅତି ଆଗ୍ରହରେ ଖୋଲି ପଢିଲା । ଚପଳା ତାକୁ ପୂଜାଛୁଟିରେ ଭୁବନେଶ୍ୱର ଯିବାପାଇଁ ଅନୁରୋଧ କରିଛି । ସେ ନିଜେ ଆସି ତାକୁ ସାଙ୍ଗରେ ନେଇଯିବ ବୋଲି ଲେଖିଛି । ମଉସା ମାଉସୀଙ୍କୁ ଏ ବିଷୟରେ କହି ଆଗରୁ ପ୍ରସ୍ତୁତ ହୋଇ ରହିବାକୁ ମଧ୍ୟ ଲେଖିଛି । ଚିଠିଟି ପଢି ନୀରୁର ମନ ଚଞ୍ଚଳ ହୋଇ ଉଠିଲା । ଅଜୟର ନଆସିବା ଖବର ତାକୁ ଯେତିକି ଉଦାସ କରିଥିଲା , ଚପଳାର ଚିଠିଟି ପାଇ ତାର ସବୁ ଉଦାସୀ ଉଭେଇ ଗଲା । ଉଭୟେ ପୂଜାଛୁଟିକୁ ଭୁବନେଶ୍ୱରରେ ଅତି ମଜାରେ କଟେଇ ଥିଲେ ।

ସମୟ ବିତି ଚାଲିଥିଲା । ନୀରୁ ପାଠପଢା ଛାଡି ଘରେ ବସିବା ଛଡା ଆଉ କିଛି କାମ ନଥାଏ । ବାପା ତା'ର ଜଣେ ସ୍ୱଳ୍ପ ବେତନଭୋଗୀ ସ୍କୁଲ୍ ଶିକ୍ଷକ । ତିନି ପ୍ରାଣୀ କୁଟୁମ୍ବ କୌଣସିମତେ ଚଳି ଯାଉଥିଲେ । ବିବାହ ବୟସ ହୋଇଥିଲେ ମଧ୍ୟ ଝିଅଟିକୁ ଗୋଟିଏ ଉପଯୁକ୍ତ ପାତ୍ର ଦେଖି ହାତକୁ ଦିହାତ କରେଇବା ପାଇଁ ଆବଶ୍ୟକ ସମ୍ବଳ ନୀରୁର ବାପାଙ୍କ ପାଖରେ ନଥାଏ । ନୀରୁ ଚିନ୍ତାରେ, ସେ ଦିନକୁ ଦିନ ଦୁର୍ବଳ ହୋଇ ପଡିଲେ । ଚାକିରୀରୁ ରିଟାୟରମେଣ୍ଟ୍ ମଧ୍ୟ ହୋଇଗଲା । ଘରର ପରିସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଲା ।

ଏଭଳି ଅବସ୍ଥାରେ ନୀରୁ ମାନସିକ ସ୍ତରରେ ଭାଙ୍ଗି ପଡିଲା । ଅଜୟ ସହିତ ଚିଠି ମାଧ୍ୟମରେ ଯାହା ସମ୍ପର୍କ ଥାଏ । ସେ ଆଉ ମାମୁଘରକୁ ଆସୁ ନଥିବାରୁ ତା ସହ ତାର ଦେଖାହେବା ସମ୍ଭବ ନଥିଲା ।

ଅଜୟ ଇତିହାସରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ୟୁନିଭରସିଟି ଟପର ହୋଇଛି ହେଲେ ସିଭିଲ୍ ସରଭିସ୍ ପରିକ୍ଷାରେ ପ୍ରଥମ ଚେଷ୍ଟାରେ ସଫଳ ହୋଇ ପାରିନାହିଁ । ପରେ ଆଉଥରେ ସେହି ପରିକ୍ଷା ଦେଇ ସେ ଜଗତସିଂହପୁର ଜିଲ୍ଲାର ଜିଲ୍ଲାପାଳ ରୂପେ ଅବସ୍ଥାପିତ ହୋଇଛି । ଓଇଏ ଅଫିସର୍ ହେଲାପରେ ଅଜୟ ପାଇଁ ଅନେକ ବିବାହ ପ୍ରସ୍ତାବ ଆସୁଥାଏ । ନୀରୁ କଥାକୁ ମନ ମଧ୍ୟରେ ରଖି ସେ ସବୁ ପ୍ରସ୍ତାବ ଗୁଡିକ ନାକଚ୍ କରି ଦେଉଥାଏ । ଶେଷରେ ଚପଳା ସହିତ ତାର ଆସିଥିବା ବିବାହ ପ୍ରସ୍ତାବକୁ ସେ ମନା କରିବାପାଇଁ କୌଣସି କାରଣ ପାଇ ନଥିଲା । ଚପଳା ଦେଖିବାକୁ ବହୁତ ସୁନ୍ଦର ଥିଲା ତାର ବାପାଙ୍କର ବଂଶ ପରମ୍ପରା ରହିଛି ଓ ଏକ ସଂଭ୍ରାନ୍ତ ପରିବାରର ଝିଅ । ନୀରୁ ସହିତ ତା'ର ସଂପର୍କକୁ ସେ ବାପାଙ୍କୁ କି ପରିବାରରେ ଅନ୍ୟ କାହାକୁ କହିବାକୁ ସାହସ କରିପାରିଲା ନାହିଁ । ମୁହଁରୁ କଥାଟା ଯଦି ବାହାରିଯାଏ ଚାରିଆଡେ ପ୍ରଘଟ ହୋଇଯିବ । ଜିଲ୍ଲାପାଳ ଭାବେ ଅବସ୍ଥାପିତ ଥିବାରୁ ଏଭଳି ଏକ ଖବର ସର୍ବସାଧାରଣରେ ବିଜୁଳି ବେଗରେ ପ୍ରସାରିତ ହେବାକୁ ସମୟ ବେଶି ଲାଗିବ ନାହିଁ । ଶେଷରେ ଚପଳା ସହିତ ଅଜୟର ବିବାହ ସଂପନ୍ନ ହୋଇଯାଇଥିଲା । ବିବାହ ପୂର୍ବରୁ ଚପଳା ନିମନ୍ତ୍ରଣ ପତ୍ର ନେଇ ନୀରୁ ପାଖକୁ ଆସିଥିଲା । ତା'ର ବାପାଙ୍କର ଶାରୀରିକ ଅସୁସ୍ଥତା କାରଣ ଦର୍ଶାଇ ସେ ଚପଳାର ବିବାଘରର ଯୋଗଦେବାକୁ ମନା କରିଥିଲା । ଚପଳା ମଧ୍ୟ ମଉସାଙ୍କ ଦେହ ବିଷୟରେ ଜାଣି ତାକୁ ବାଧ କରି ନଥିଲା ।

ସମୟ କାହାକୁ ଅପେକ୍ଷା କରେନି । ନୀରୁର ପିତାଙ୍କର ଦେହାନ୍ତ ହୋଇଗଲା । ଚପଳାର ଅଜୟ ସହିତ ବିବାହ ହେଲା ପରେ ନୀରୁ ଅନ୍ୟ କାହାକୁ ବିବାହ କରିବ ନାହିଁ

ବୋଲି ସ୍ଥିର କରି ନେଇଥିଲା । ସହଜେ ପିତାଙ୍କର ଦେହାନ୍ତ ପରେ କିଏ ବା ଆଉ ତା ପାଇଁ ପାତ୍ରଟିଏ ଖୋଜିବାକୁ ଅଣ୍ଟା ଭିଡିବ ଯେ ? ଇତି ମଧ୍ୟରେ ଅଜୟର ଟ୍ରାନ୍ସଫର୍ ହୋଇଯାଇଛି । ସେ କଟକରେ ଏ.ଡି.ଏମ୍. ଭାବେ ଅବସ୍ଥାପିତ । ଚପଳାର କୋଳରେ ଏକ ବର୍ଷର ପୁତ୍ର ସନ୍ତାନଟିଏ । ବହୁ ଖୁସିରେ ତା'ର ପାରିବାରିକ ଜୀବନ ବିତି ଯାଉଛି ।

ଦିନେ ଚପଳା ଅଜୟର କପ୍ ବୋର୍ଡରେ ଥିବା ଜିନିଷ ଗୁଡିକୁ ସଜାଡି ରଖୁଥିଲା । ନଜର ପଡିଲା କେତେଗୁଡିଏ ପୁରୁଣା ଡାଇରୀ ଓ ଚିଠି ଉପରେ । ଚିଠି ଗୁଡିକ ସବୁ ନୀରୁ ପାଖରୁ ଆସିଥିଲା । ଉଭୟଙ୍କ ପ୍ରେମ ଜୀବନର ଏକ ନିଖୁଣ ଆଲେଖ୍ୟ ପ୍ରଦାନ କରୁଥିଲା ଚିଠିଗୁଡିକର ବିଷୟବସ୍ତୁ । ଏକ ଭାରାକ୍ରାନ୍ତ ମନ ନେଇ ଚପଳା କଣ କରିବ ଠିକ୍ କରି ପାରୁନଥିଲା । କାହାକୁ ସେ ଦୋଷ ଦେବ । ସେଦିନ ସେ ଜାଣିପାରିଥିଲା ଯେ ନୀରୁ ତା'ର ବାହାଘରକୁ ନ ଆସିବାର ମୁଖ୍ୟ କାରଣ ତା ବାପାଙ୍କର ଅସୁସ୍ଥତା ନୁହେଁ ବରଂ ଅଜୟକୁ ସେ ତା ପାଖରୁ ଛଡେଇ ନେବାଟା ହିଁ ମୁଖ୍ୟ କାରଣ ଥିଲା ।

ରାତିରେ ଚପଳାର ଦେହରେ ଉତ୍ତାପ ବଢି ଜ୍ୱର ହୋଇଗଲା । ଅଜୟ ଡକ୍ଟରଙ୍କୁ ଡକେଇ ଔଷଧ ଦେଲେ ମଧ୍ୟ ଜ୍ୱର ସଂପୂର୍ଣ୍ଣ ରୂପେ ଭଲ ହୋଇ ନଥିଲା । କ୍ରମାଗତ ଭାବେ ଜ୍ୱର ରହିବାରୁ ଚପଳାଙ୍କୁ କଟକ ବଡ ମେଡିକାଲରେ ଆଡମିସନ୍ କରେଇବାକୁ ପଡିଲା । ଚପଳା ନୀରୁ ପାଖରେ ନିଜକୁ ଦୋଷୀ ବୋଲି ଭାବୁଥାଏ । ନିଜର ଏ ଅବସ୍ଥା ବିଷୟରେ ଲେଖି ନୀରୁ ପାଖକୁ ଚିଠି ଖଣ୍ଡିଏ ଲେଖି ପୋଷ୍ଟ୍ କରିଦେବା ପାଇଁ ଅଜୟକୁ ଦେଇଥିଲା । ରାଣ ଦେଇ ଲେଖିଥିଲା ନୀରୁକୁ ଆସିବା ପାଇଁ । ମେଡିକାଲରେ ବିଭିନ୍ନ ଟେଷ୍ଟ୍ କଲାପରେ ଜଣା ପଡିଲା ଯେ ଚପଳାକୁ ବ୍ଲଡ୍ କ୍ୟାନସର୍ ହୋଇଛି । ଆଉ ଅଳ୍ପ କେତୋଟି ଦିନର ଅତିଥି ସେ ।

ଚପଳାର ବେଡ୍ ନିକଟରେ ସେଦିନ ଅନେକ ଲୋକ । ସ୍ୱାମୀ ଅଜୟ ସହିତ ଚପଳାର ପିତା ମାତା ଓ ଅନ୍ୟାନ୍ୟ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥାଆନ୍ତି । ନୀରୁ ଭିଡକୁ ଆଡେଇ ଚପଳା ପାଖରେ ପହଞ୍ଚିଲା । ସତେ ଯେପରି ନୀରୁକୁ ହିଁ ଚପଳା ଅପେକ୍ଷା କରି ରହିଥିଲା । ସମସ୍ତଙ୍କ ଆଡେ ଆଖି ବୁଲେଇ ଆଣି ଅଜୟର ଡାହାଣ ହାତର ଟିପକୁ ନିଜ ସୀମନ୍ତର ସିନ୍ଦୂରରେ ଲଗେଇ ନୀରୁର ସୀମନ୍ତରେ ଲଗେଇ ଦେଇଥିଲା । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ । ଅତି କ୍ଷୀଣ ସ୍ୱରରେ ମୁହଁରୁ ତା'ର ବାହାରି ଆସିଥିଲା 'ନୀରୁ ମୋର ଅଜାଣତରେ ତୋ ଠାରୁ ଯାହା ଛଡେଇ ନେଇଥିଲି ଆଜି ଫେରେଇ ଦେଉଛି । ଯାହା ବହୁତ ଆଗରୁ କରିବାର ଥିଲା ମୁଁ ଆଜି ମୋର ଅନ୍ତିମ ମୁହୁର୍ତ୍ତରେ କରୁଛି । ମୋତେ ଭୁଲ୍ ନବୁଝି କ୍ଷମା କରିଦେବୁ । ଏବେ ମୁଁ ଶାନ୍ତିରେ ଶୋଇ ପାରିବି' ବୋଲି କହି ଚିରଦିନ ପାଇଁ ଆଖି ବୁଜି ଦେଇଥିଲା ।

ସମସ୍ତେ କାନ୍ଦୁଥିଲେ, ଦୁଃଖରେ ମ୍ରିୟମାଣ ଥିଲେ ।

ବିନ୍ଦୁଏ ସିନ୍ଦୂର ପୁଣି ଫେରେଇ ଦେଇଥିଲା ନୀରୁକୁ ତାର ଉଜୁଡା ପ୍ରେମ । ସେ ପ୍ରେମିକାରୁ ପତ୍ନୀ ହୋଇଯାଇଥିଲା

ହେଲେ ଚପଳାର ତ୍ୟାଗ ତାକୁ ସାରା ଜୀବନ ପାଇଁ ଋଣୀ କରିଦେଇ ଯାଇଥିଲା ।

*ଦୁର୍ଗାମାଧବ ନଗର*
*ଭୁବନେଶ୍ୱର*
*ମୋ: ୯୮୫୩୫୩୫୮୪୪*

## କୀର୍ତ୍ତିସ୍ତମ୍ଭ

*ଆଦ୍ୟାଶା ମହାପାତ୍ର*



ପରାଧୀନତାର ଅନ୍ଧକାରେ
ରିକ୍ତ ହେଲା ଏ ପୂଣ୍ୟଧାରା
ସେତିକିବେଳେ ଉଇଁ ଆସିଲ
ବିପ୍ଲବର ପାହାନ୍ତି ତାରା ॥
ତୁମରି ତ୍ୟାଗ ଆଣିଲା ବରି
ସ୍ୱାଧୀନତାର ବର୍ଣ୍ଣବିଭା
ଏ ଜନ୍ମଭୂମି ଅବୟବରେ
ଦୃଶ୍ୟ ହେଲା ନବୀନ ଆଭା ॥
ଚିର ଚିନ୍ମୟ ଝଲକ ଦେଖି
ହଟିଲା ଯେତେ ଦୁଃଖ ରାଶି
ହସିଲା ଏଇ ପବିତ୍ର ମାଟି
ଶାନ୍ତି ଲଭିଲେ ଏ ଦେଶବାସୀ ॥
ସ୍ୱପ୍ନ ଭରା ଆଖିରେ ତୁମ
ଲୁଚିଥିଲା ଏ ଦେଶର ଶିରୀ
ରକ୍ତ ଢାଳି ସାକାର କଲ
ହେ ପୂତ ପ୍ରାଣ ପୂର୍ବସୂରୀ ॥
ସ୍ୱାଧୀନତାର ଯଜ୍ଞକୁଣ୍ଡେ
ଶୋଣିତ କୁ ହେ କରିଲ ହବି
ଇତିହାସର ପୃଷ୍ଠପରେ
ଫୁଟାଇ ଦେଲ ଦୀପ୍ତ ଛବି ॥
ହେ ମହାମନା ଏ ମାଟି ପରେ
ଥାପିଲ ଯେଉଁ କୀର୍ତ୍ତିସ୍ତମ୍ଭ
ସୃଷ୍ଟି ସରି ଘୋଷିବ ସିଏ
ଏଇ ଜାତିର ଶୌର୍ଯ୍ୟ ଦମ୍ଭ ॥

*ନୂଆପଡା, କଟକ*

## ବିରହ

*ଅନସୂୟା ପଣ୍ଡା*



ସମୟର ସେପାରିରେ ହଜିଥିବା
ବସନ୍ତର ବାସନ୍ତିକ
ମୃଦୁ ମଳୟ ପାରିପ୍ଲାବିତ
ଅଦୃଶ୍ୟରେ ଅପରୂପା
ପହିଲି ସପନର ନିର୍ବାସନ ।
ହଜିଥିବା ମଧୁଲଗ୍ନ
ମହକରେ ଆନମନ
ଖୋଜୁଥିବା ମଗ୍ନ ମନ
ଥକିଲା ନୟନ
ବିଷାଦେ ବିଦୀର୍ଣ୍ଣ ।
ମନର ଗହଳ କୁଞ୍ଜରେ
ଉଇଁ ଉଠୁଥିବା ନୀଳ ଜହ୍ନ
ରହି ରହି ବିଦାରୁ ଥିବା ଶୂନ୍ୟତା
ପ୍ରେମ ଭୂଗୋଳର କ୍ଷତ ଚିହ୍ନ ।
ଦ୍ୱିବିଧାରେ କଟୁଥିବା
ମାୟାର ସମ୍ମହନ
ଅଳସୀ ରାତିର ଓଠରେ
ଉକୁଟି ଉଠୁଥିବା ତିଳ ଚିହ୍ନ
ଅନୁରାଗେ ଅନୁପମ ।
ସେପାରିର ବିଭୋର ଝାଉଁବଣ
ଝଡି ପଡିଥିବା ଭାବମୟ
ମହାମୁହୂର୍ତ୍ତର ଅନୁରଣନ
ମର୍ମ ଭେଦି ନିକ୍ୱଣ
ବିରହରେ ଠିଆ ହେଇଥିବା
ଅଣଲେଉଟା ଭାବର ବିକଳପଣ ।
ଅଭୂଲା ସେ କିଚିରି ମିଚିରି ସ୍ୱନ
ଆଖିତଳେ ତିନ୍ତୁଥିବା ଦିନ
କଳ୍ପନାରେ କାଳଜୟୀ ମନ
ଅଧା ଅଧୁରା ଆଲିଙ୍ଗନ
ଢେଉ ଭଙ୍ଗା ସ୍ପନ୍ଦିତ ଫଗୁଣ ।

*ବୁର୍ଲା, ସମ୍ବଲପୁର,*
*୯୪୩୯୨୧୧୯୭୧*

## ମୋ ପ୍ରିୟା

*ଭାସ୍କର ବାରିକ୍*



ତାଜ ମହଲର ସୌନ୍ଦର୍ଯ୍ୟ ପରିକା
ରୂପର କଳନା ନାହିଁ
କେମିତି ବର୍ଣ୍ଣନା କରିବି ତା ରୂପ
ଶବ୍ଦ ଭାଷାକୋଷେ କାହିଁ ?
ମିଳୁନି ଉପମା ଉପହାର ପାଇଁ
ଅଳଙ୍କାରର ଅଭାବ
ସ୍ୱର୍ଗର ଯେମିତି କେଉଁ ଅପସରି
ହୁଏ ମୋର ଅନୁଭବ ।
ନାଲି ନାଲି ଓଠ ଟଣା ଟଣା ଆଖି
ଶାଣିତ ଖଡ୍ଗ ନାକ
ଗାଲ ମୋ ପ୍ରିୟାର କାଶ୍ମୀରି ସେଓ
ଚିକ୍କଣ ସୁନ୍ଦର ବେକ ।
ପାଦଠାରୁ ଅଣ୍ଟା,ଅଣ୍ଟାରୁ ବକ୍ଷୋଜ
ସୁନ୍ଦରତା ଚମକୁଛି
ଏମିତି ଲାଗଇ ସତେ ଯେମିତିକି
ଓଠୁ ଅମୃତ ବର୍ଷୁଛି ।
ଅବର୍ଣ୍ଣନୀୟ ସୌନ୍ଦର୍ଯ୍ୟ ଭଣ୍ଡାର
ଭାଷା ନାହିଁ ବର୍ଣିବାକୁ
ଯିଏସେ ଗଢିଛି ଏମିତି ସୁନ୍ଦରୀ
କୋଟି ଧନ୍ୟବାଦ ତାଙ୍କୁ ।
ଆସେ ମୋ ସଜନୀ ନିସ୍ତବ୍ଧ ରାତିରେ
ନେଇ ସପନର ନୀଡ଼
କେମିତି ଲେଖିବି କେମିତି ବର୍ଣ୍ଣିବି
ସ୍ୱପ୍ନ ମାନଙ୍କର ଭିଡ଼ ।
ଛୁଇଁଲେ ପ୍ରିୟାକୁ ଲାଜକୁଳୀ ପରି
ଲାଜରେ ଝାଉଁଳି ଯାଏ
ଦୂରେଇ ରହିଲେ ମନ ଗହନରେ
ଅଭିମାନ କରୁଥାଏ ।
ରୂପ ରାଇଜର ରୂପର ଖଣି ସେ
ରୂପା ପରି ଝଲସୁଛି
କେବେ ସାଜିବ ସେ ମୋ ଘର ଘରଣୀ
ଅପେକ୍ଷା କରି ରହିଛି ।

*ବାସୁଦେବପୁର, ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*

## ଶ୍ରୀ ପଞ୍ଚମୀ

*ସୁଧାକର ରାଉତ*



ଶୁକ୍ଳପକ୍ଷ ପଞ୍ଚମୀଟି ମାଘ ମାସେ
ଆସିଣ ବରଷେ ଖୁସି
ମା' ସରସ୍ୱତୀଙ୍କୁ ଭକ୍ତି ସହ ପୂଜା
କଲେ ଉଦେ ଜ୍ଞାନ-ଶଶୀ ।
ସେ ବିଦ୍ୟାଦାୟିନୀ ଜ୍ଞାନ-ପ୍ରଦାୟିନୀ
ତାଙ୍କ କରୁଣାର ବାରି
ବର୍ଷିଲେ ମୂରୁଖ ପଣ୍ଡିତ ବୋଲାଏ
ମିଳେ ଯଶଖ୍ୟାତ ଶିରୀ ।
ଶୁଭ୍ର ବସ୍ତ୍ର ପରିଧାନେ ସୁଶୋଭିତା
ବୀଣା ଓ ପୁସ୍ତକ କରେ
ଅଭୟଦାୟିନୀ ମରାଳବାହିନୀ
ଢାଳି ଦ୍ୟନ୍ତି ବିଦ୍ୟା ନରେ ।
ଗଳେ ଶୋହେ ଗଜମୋତି ମୁକ୍ତା ହାର
ପଦ୍ମାସନା ପୁଣି ସିଏ
ଭକ୍ତି ଭରେ ତାଙ୍କୁ କରେ ଯିଏ ପୂଜା
ସିଏ ଚତୁର୍ବର୍ଗ ଫଳ ପାଏ ।
ସିଦ୍ଧିଦାୟିନୀ ସେ ଗ୍ରହଣ କରନ୍ତି
ସିନିହ ଭକତି ଭାବ
ବିପଦ ସାଗରୁ ଉଦ୍ଧାର କରନ୍ତି
କୂଳରେ ଲଗାଇ ନାବ ।
ସବୁ ଅନୁଷ୍ଠାନ ଓ ବିଦ୍ୟାଳୟରେ
ହୋଇଥାଏ ତାଙ୍କ ପୂଜା
ଷୋଡ଼ଶ ପଚାରେ ପୂଜିତ ହୋଇ ସେ
ଉଡାନ୍ତି ନିଜର ଧ୍ୱଜା ।
ବୀଣାପାଣି ସିଏ ବିଘ୍ନ ବିନାଶିନୀ
ତାଙ୍କ କଟାକ୍ଷରେ ଦୁଃଖ
କ୍ଷଣକେ ଦୂରାଏ ଜଗତ ଜନନୀ
ମିଳଇ ପରମ ସୁଖ ।
ଧୂପ,ଦୀପ,ପୁଷ୍ପ ଅର୍ପଣ କରିଣ
ତାଙ୍କୁ କରିଲେ ଟି ତୋଷ
ମାଆଙ୍କର ଅଶେଷ କୃପା ବଳରେ
ସର୍ବବିଘ୍ନ ହୁଏ ଶେଷ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

## ମୁଁ ପାଗଳ ଭଅଁର ଟିଏ

*ରମେଶ ଚନ୍ଦ୍ର ନାୟକ*



ଫୁଲେ ଫୁଲେ ବୁଲି ମଧୁ ଶୋଷି ଥାଏ
ମୁଁ ପାଗଳ ଭଅଁର ଟିଏ ,
ପ୍ରସ୍ଫୁଟିତ ଫୁଲେ ଦୃଷ୍ଟି ମୋ ପଡ଼ିଲେ
ପ୍ରେମ ଗୀତ ଗାଇ ଥାଏ ।
ମଧୁର ବାସନା କରେ ବାଟ ବଣା
ଧାଇଁ ଯାଏ ଶୁଣ୍ଢ ମେଲି ,
ଟିକି ଡେଣା ଝାଡି କହେ ଫୁଲ କାନେ
ତାକୁ ଭଲ ପାଏ ବୋଲି ।
ଜୀବନ ତୋହର ଦିନେ ଦି' ଦିନର
ସରିଯାଏ ଯଉବନ ,
କିଶ ତୋର କ୍ଷତି ମୋ ସାଥେ ପୀରତି
କରିବାକୁ ନାହିଁ ମନ ।
ପ୍ରଭୁ ପୂଜା ପାଇଁ ଜନ୍ମ ହୋଇ ଥାଇ
ଫୁଲ କହେ ଝାଡି ଲୁହ ,
ରଖଇ ପ୍ରଭୁଙ୍କ ସହ ।
ତୋ' ପ୍ରେମ ନଈରେ ହେବି ନାଉରିଆ
କଥା ମୋର ମାନି ନିଜ ,
ତୋ' ମଧୁ ଶୋଷିବି ବଂଶ ବଢ଼ାଇବି
ମୁଁ ପାଗଳ ଭଅଁର ଟିଏ ।

*ଦରଭା , ମଙ୍ଗଳପୁର , ଯାଜପୁର*
*ମୋ :- ୭୯୭୮୧୫୧୭୧୦.*

## କି -ବୋର୍ଡ

*ପବିତ୍ର ବେହେରା*



ଏ ଦୁଷ୍ଟ ଶୁଣ
ଆଜି ମୋ କି-ବୋର୍ଡ ମୋତେ ପ୍ରଶ୍ନ କରୁଛି,
କଣ ଏ ବର୍ଷ ଗୋଲାପ ଦିବସ ରେ
ତୁମେ ମୋତେ ଗୋଲାପ ଦେବ ନାହିଁ ?
ସେ ଅବା କେମିତି ଜାଣିବ
ତୁମେ ଏବେ ରଙ୍ଗୀନ ଯୁଗ ର
ରଙ୍ଗୀନ ପ୍ରଜାପତି ହୋଇ
ଭିନ୍ନ ଏକ ରଙ୍ଗମଞ୍ଚ ରେ
ପାଦ ଦେଇ ସାରିଛ ।
ମୋ କି-ବୋର୍ଡ ମୋ ପରି ଦୁଷ୍ଟଟିଏ
ଗତବର୍ଷ ତୁମେ ଦେଇଥିବା ଗୋଲାପ ପାଖୁଡା କୁ
ନିଜ ହୃଦୟରେ ଅବ୍ୟକ୍ତ ପ୍ରେମ ଦେଇ
ଅତି ନିଜର କରି ସାଇତି ରଖିଛି ।
ଏ ଦୁଷ୍ଟ ଶୁଣ
ମୁଁ ତୁମ କୁ ଭୁଲିଯାଇଛି ସତ କିନ୍ତୁ
ଦେଖ ମୋ କି-ବୋର୍ଡ
ଦଗ୍ଧ ହୃଦୟର ବିକ୍ଷିପ୍ତ ବେଦନାରେ
ତୁମରି କୁମୁଦିନୀ ରୂପ କୁ ଚାହିଁ ବସିଛି ।

*ବାହାଲପୁର, ଗଞ୍ଜାମ*
*୭୭୮୮୮୮୬୬୦୨*

## ଚିନ୍ତା ଓ ଚେତନା

*ରତ୍ନକାନ୍ତି ମିଶ୍ର*



ଚେତନା ସୂରୁଜ ଜ୍ଞାନାଲୋକ ତେଜ
ଅଜ୍ଞାନକୁ କରେ ଦୂର
ହୃଦ ଅନ୍ତଃସ୍ଥଳୁ ନିର୍ବାପିତ କରେ
ଯେତେ ଦୁର୍ଗୁଣ ଅନ୍ଧାର ॥
ଚେତନାରେ ହୁଏ ବ୍ୟକ୍ତିତ୍ୱ ନିର୍ମଳ
ଲବ୍ଧ ନବ ଅନୁଭୂତି
ମନ ମଧ୍ୟେ ବହେ ପ୍ରେରଣାର ଝର
ସେଥିରୁ ତ୍ୟାଗ ସଂପ୍ରୀତି ॥
ଚେତନା ଦର୍ଶାଏ ସଫଳତା ମନ୍ତ୍ର
ଦେଖାଏ ନବ ଦିଗନ୍ତ
ଅନ୍ଧର ଲଉଡି ପରି ସାହା ହୋଇ
କରେ ପ୍ରାଣ ପୁଲକିତ ॥
ମାନସ ବୃକ୍ଷରେ ଚିନ୍ତା ହେଲେ ପୁଷ୍ପ
ଚେତନା ଅଟଇ ମୂଳ
ଚିନ୍ତା ବିକଶିଲେ ଚେତନା ଉନ୍ମେଷ
ରୂପାନ୍ତର ଅବିକଳ ॥
ଚିନ୍ତା ରୁ ହୁଅଇ ଚେତନାର ସୃଷ୍ଟି
ଚେତନା ରୁ ଦିବ୍ୟଜ୍ଞାନ
ଚେତନା କରଇ ଚିନ୍ତାକୁ ଉଜ୍ଜ୍ୱଳ
ସ୍ୱଚ୍ଛନ୍ଦ ହୁଏ ଜୀବନ ॥
ଚିନ୍ତା ଓ ଚେତନା କ୍ଷୀର ନୀର ପରି
ଅଙ୍ଗାଙ୍ଗୀ ଭାବେ ଜଡିତ
ଜଣକ ବ୍ୟତୀତ ଆନ ନିରର୍ଥକ
ନଥାଏ କିଛି ମହତ୍ତ୍ୱ ॥

*ଆଳି, କେନ୍ଦ୍ରାପଡା*

ଆମ ସମୟ ର ଏକ ଉଦୟୋନ୍ମୁଖୀ ପ୍ରତିଭା କବୀ ଲୋପାମୁଦ୍ରା ଜେନା । ତାଙ୍କ ରଚିତ 'ନଈ ଓ ନାରୀ' ପ୍ରେମ,ପ୍ରଣୟ,ପ୍ରତୀକ୍ଷା ଓ ବିରହର ଭିନ୍ନ ଏକ ଦସ୍ତାବିଜ ।ତାଙ୍କର କାବ୍ୟିକ ଚିନ୍ତାଧାରା ଯେତେ ମାର୍ମିକ, ଶବ୍ଦ ସଂଯୋଜନା ଓ ରଚନା ଶୈଳୀ ସେତେ ହୃଦୟ ସ୍ପର୍ଶୀ ।

କବୀଙ୍କ ଦୃଷ୍ଟିରେ ନଈ ଓ ନାରୀ ଉଭୟ ଛଳ ଛଳ ପ୍ରେମଶିକ୍ତ କ୍ଷ ନିରୁତା ସ୍ୱପ୍ନରେ ମସଗୁଲ ହୋଇ ମିଶିବାକୁ ଚାହାଁନ୍ତି ଆଉ କା ହୃଦୟରେ । ନିଜ ଦୁଃଖ ନିଜେ ପିଇ ଅନ୍ୟକୁ ସୁଖ ବାଣ୍ଟି ଚାଲନ୍ତି । ସାଗର ସହ ମିଳନର ଆବେଗତା ମନ ଭିତରେ ସାଇତି ରଖି ନିରନ୍ତର ଭାବେ ବହି ଚାଲିଥାଏ ନଈ କାହାକୁ ଭ୍ରୁକ୍ଷେପ ନକରି । ନଈର ଏହି ଅନାବିଳ ପ୍ରେମ, ଏକାଗ୍ରତା କବୀଙ୍କୁ ବିମୁଗ୍ଧ କରିଛି । ସେଥିପାଇଁ ତାଙ୍କର ହୃଦୟର କଥା କହିପକାଇଛନ୍ତି,

'ନାରୀଟିଏ ମୁହିଁ ନଈଟିଏ ମୁହିଁ
ବହିବା ମୋ' ଅଭିରୁଚି
ସୁଖ ବାଣ୍ଟିଦିଏ, ଦୁଃଖ ପିଇଯାଏ
ଆଖି-ସରସୀ ରେ ଲୁଚି ।'

ନାରୀଟିଏ ହୋଇ ଜନ୍ମନେବା ଅନେକ ଜନ୍ମର ପୁଣ୍ୟ କର୍ମବଳେ ହୋଇଥାଏ । ତାଙ୍କ ମତରେ ନାରୀ, ଗୀତାଟିଏ, ମମତାର ମନ୍ଦାକିନୀଟିଏ ।

ଦିନ ବଦଳୁଛି, ଋତୁ ବଦୁଳୁଛି, ଜୀବନ ପୁସ୍ତକ ରେ ସ୍ମୃତି ପୃଷ୍ଠା ପରେ ପୃଷ୍ଠା ଲେଖା ହୋଇ ଚାଲିଛି । କେତେବେଳେ କବୀ ନୂଆ ବର୍ଷ ଆଗମନେ ଶତ ସଂଭାବନାର ଆଶା




ନଈ ଓ ନାରୀ - ଏକ ଅନୁଭବୀ ର ଅନ୍ତଃ ସ୍ୱର
କବିତା ସଂକଳନ - ନଈ ଓ ନାରୀ
କବୀ -ଲୋପାମୁଦ୍ରା ଜେନା
ପ୍ରକାଶକ -ବନଫୁଲ ପ୍ରକାଶନୀ

ରଖିଛନ୍ତି ତ ହେମାଳର ଛୁଆଁ ରେ ଶୀହରିତ ହୋଇ ଶୀତକୁ ବାରଣ କରିଛନ୍ତି ଆଉ ନ ଛୁଇଁବାକୁ । ବର୍ଷାର ଛିଟା ରେ ବତୁରି ଯାଉଥିବା କବୀ ପ୍ରାଣ ବର୍ଷା କୁ ପ୍ରିୟତମ ସହ ଅନ୍ତରଙ୍ଗ ଭାବେ ଦେଖିଛନ୍ତି 'ବର୍ଷା ଓ ପ୍ରିୟା' କବିତାରେ । ସମୟ ନଈରେ ପତ୍ରଟିଏ ହୋଇ ଜୀବନ ଭାସି ଚାଲିଛି । ଛଅ ଋତୁପରେ ପ୍ରେମଋତୁ । ଯାହାକୁ ସେ ଛୁଇଁଯାଏ ,ସେ'ତ ମସଗୁଲ, ହେଲେ ଅନ୍ୟ କାହାକୁ ଅନଳ ହୋଇ ଯୁଗଯୁଗ ଧରି ଜଳାଉଥାଏ । କବିଙ୍କ ଭାଷାରେ

'ପ୍ରେମ କ'ଣ ଜହ୍ନରାତିଟିଏ ?
ଜ୍ୟୋସ୍ନା ସହ ମିଶି
ଯିଏ ନୀଳ ନୀଳ ଡେଣା ମେଲି,



ସ୍ୱପ୍ନଫୁଲ କେତେ ବୁଣିଦିଏ !'

ବେଳେବେଳେ ବର୍ଷାଭିଜା ପ୍ରେମୀ ଯୁଗଳକୁ ଦେଖି ଜହ୍ନବି ଈର୍ଷା କରୁଥାଏ । ଜୀବନ ପୁସ୍ତକରେ ସ୍ମୃତିର ପୃଷ୍ଠା ଲେଉଟାଇଲା ବେଳେ ଉଦାସ ହୋଇପଡନ୍ତି କବୀ । କୁଆଁର ପୁନେଇଁର ଜହ୍ନଦେଖି ପୁଣି ପ୍ରକୃତିସ୍ଥ ହୋଇଛନ୍ତି । ବିଭୋର ହୋଇଛନ୍ତି । ଚାନ୍ଦ ଓ କଇଁର ପ୍ରେମକୁ ଦେଖି ଲେଖିଛନ୍ତି,

'ପ୍ରେମତ ନିଃସର୍ତ୍ତ,ଛଳଛଳ ଭାବେ
ହୃଦୟକୁ ଯିଏ ଛୁଏଁ
ଅନାଦି କାଳରୁ ଲୁଚକାଳି ଖେଳେ
ରାଧା ଆଉ ମୀରା ଦେହେ ॥'

କିଛି କଥା କହିହୁଏ ଆଉ ନୀରବତାର ଭାଷାରେ କିଛି ବୁଝିହୁଏ ।

କବୀଙ୍କ ଭାଷାରେ,

'ମୁଁ ନିଜେ ନୀରବ, ତୁମେବି ନୀରବ
ନୀରବତା ଯାଏ ଛାଇ
ପ୍ରେମ ବୋଧେ ଗୋଟେ ଅକୁହା କାହାଣୀ
ଯାହା କହିହୁଏ ନାହିଁ ॥'

କବି 'କଳ୍ପନା କୁମୁଦିନୀ' । ଲେଖନୀ ମୁନରେ ଶବ୍ଦ କଳିକାରେ ପ୍ରିୟତମ ର ସତ୍ତା ଅନୁଭବ କରିବାର କଳ୍ପନା କରନ୍ତି । ସକାଳ ସୁରୁଜ ରଙ୍ଗରେ ଭିଜିବାକୁ ବ୍ୟଗ୍ର କବୀପ୍ରାଣ ମନ ଆକାଶ ରେ ପ୍ରତିଦିନ ପ୍ରିୟତମଙ୍କ ଉଇଁ ଆସିବାର ଅଭିଳାଷ ରଖିଥାନ୍ତି । ରାତି ଶୋଇଗଲାପରେ,ସ୍ୱପ୍ନପାଲିଙ୍କି ଚଢି ଅଜାଣତେ ଛୁଇଁ ଯିବାର ଅନୁଭବ କରନ୍ତି । ପ୍ରୀୟତମ ବିନା ମଳୟବି ବଇଶାଖୀ ଝାଞ୍ଜିପରି ଲାଗେ ।

କବୀ ଗୋଟିଏ ଖିଆଲି ମଣିଷ । କଳ୍ପନାର ରାଜଜେମା । ମିଛ ସହରରେ ସତ ଖୋଜୁ ଖୋଜୁ ଲହୁଲୁହାଣ ହୋଇଯାଏ ନିଜ ଅଜାଣତରେ । ସ୍ମୃତିକୁ ନେଇ ବେଳାଭୂମିପରେ ନିରନ୍ତର ଗଢିଚାଲୁଥିବା ବାଲିଘରକୁ ଢେଉ ଆସି ଭାଙ୍ଗି ଦେଇ ଯାଏ । ଭଙ୍ଗାମନ ନେଇ ପୁଣି ଗଢାଚାଲେ ସେହି ବାଲିଘର ।

କବିତା କବୀର ପ୍ରାଣ । ଭାବନାରେ ଆସି କବୀ ପ୍ରାଣକୁ ଭିଜେଇ ଯାଏ । ଜହ୍ନରେ, ତାରାରେ, ନଈରେ, ବାଦଲରେ, ଫୁଲରେ, ମଳୟରେ, ଆକାଶରେ ଓ ସବୁଠି ପ୍ରତ୍ୟୟମାନ ହୁଏ । କବୀ ପ୍ରାଣକୁ ବିଭୋରିତ କରେ । ଲେଖନୀରୁ ସ୍ୱତଃ ଝରିପଡେ,

'ମନରେ ମୋ'ର ଲାଗିଲା ରଙ୍ଗ
ଶରତ ହସି ଦେଲା
ଲେଖନୀ ମୋର ଲାଜେଇ ଗଲା
କବିତା ଝରିଗଲା ॥'

ନହୋଇଥିବା ବା ନଦେଖିଥିବା କଥା, କଳ୍ପନାରେ କବୀଙ୍କ ମନକୁ ଧସେଇ ପଶିଯାଏ!!!

ଅତିଶୟ ଭାବ ପ୍ରବଣ ହୋଇ କବୀପ୍ରାଣ ଗାଇ ଉଠେ,

'ଯେଉଁ ସ୍ମୃତି କେବେ ହୋଇନି ତିଆରି
ତୁମକୁ ଓ ମତେ ନେଇ
ସେହି ସ୍ମୃତି କିନ୍ତୁ ନିତି ଝରୁଥାଏ
ଲେଖନୀକୁ ଛୁଇଁଯାଇ ।'

କବୀଙ୍କର ଲେଖନୀର ଜୟ ହେଉ ।




# ଅସାମ୍ବିଧାନିକ ଉପାୟରେ ଜିଗ୍ନେସ୍ ମେଓ୍ୱାନିଙ୍କୁ ଗିରଫ କରିବା ନିନ୍ଦନୀୟ

ଭୁବନେଶ୍ୱର (ପିଏନ୍): ଜିଗ୍ନେସ ମେଓ୍ୱାନିଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫର ପ୍ରତିବାଦ ଓ ତୁରନ୍ତ ଖଲାସ ଦାବିରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧକ୍ଷ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଅଛି । ଶ୍ରୀଯୁକ୍ତ ଜିଗ୍ନେସ ମେଓ୍ୱାନି ଜଣେ ଦକ୍ଷ, ବିଶିଷ୍ଟ ଦଳିତ ନେତା ଓ ବିଧାୟକ ବାଗାଦାମ ବିଧାନସଭା ନିର୍ବାଚନ ମଣ୍ଡଳି (ଗୁଜରାଟ) ଗତ.୨୧.୦୪.୨୦୨୨ତାରିଖ ମଧ୍ୟରାତ୍ରିରେ ଗୁଜୁରାଟର ପାଲାନପୁର ସର୍କିଟ୍ ହାଉସ୍‌ରୁ ଆସାମ ପୋଲିସ୍ ଗିରଫ କରିଛନ୍ତି ବୋଲି ଆମ୍ଭ ନଜରକୁ ଆସିଛି । ନିକଟରେ ବିଜେପି ନେତା ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଜିଗ୍ନେସ ମେଓ୍ୱାନି କରିଥିବା ଟ୍ୱିଟ୍ ଏକ ଅବାସ୍ତବ । ଆସାମର କୋକ୍ରୋଟର ଜିଲ୍ଲାର ଏକ ବିଜେପି ନେତା ଅରୁପ କୁମାର ଦେଙ୍କ ଅଭିଯୋଗ କ୍ରମରେ ଦର୍ଶାଇଛନ୍ତି ଯେ ଜିଗ୍ନେସ ମେଓ୍ୱାନିଙ୍କ ଟ୍ୱିଟ୍‌ଟି କିଛି ଗୋଷ୍ଠୀର ଜନସାଧାରଣଙ୍କ ମଧ୍ୟରେ ଉତେଜନା ସୃଷ୍ଟି କରିବ ଓ ସଂହତିରେ ବାଧା ସୃଷ୍ଟି କରିବ । ଜଣେ ବିଜେପି କର୍ମୀଙ୍କ ଅଭିଯୋଗ କ୍ରମେ ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଏଭଳି ଭାବରେ ଗିରଫ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କରେ ଏକ ଟ୍ୱିଟ୍‌କୁ ନେଇ ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱକର୍ମାଙ୍କର ସରକାର ଏକ ଭୀରୁ ଏବଂ ପ୍ରତିଶୋଧପରାୟଣ, ବିଜେପି ସରକାର ବୋଲି ମନେହୁଏ । କେହିବି ଦଳିତ, ଆଦିବାସୀ ଓ ବଂଚିତ ବର୍ଗ ପାଇଁ ସ୍ୱର ଉଠାଇଲେ ବିଜେପି ସରକାର ତାଙ୍କର ପ୍ରତିଶୋଧପରାୟଣ ରୂପ ଦେଖାଇଥାନ୍ତି । ନିକଟରେ ଗୁଜରାଟ ପ୍ରଦେଶର ବିଧାନ ସଭା ନିର୍ବାଚନ ପାଖେଇ ଆସୁଥିବାରୁ କେନ୍ଦ୍ର ବିଜେପି ସରକାର, ଗ୍ୟାସ୍, ପେଟ୍ରୋଲ୍, ଡିଜେଲ୍, ସି.ଏନ୍.ଜି. ଓ ଅତ୍ୟାବଶକୀୟ ଦ୍ରବ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଉପରୁ ଜନସାଧାରଣଙ୍କ ନଜର ହଟାଇବା ଓ କୋଭିଡ୍ ମୃତ୍ୟୁକୁ ନିୟନ୍ତ୍ରଣ କରିବାରେ ଗୁଜରାଟ ସରକାର ବିଫଳ ଇତ୍ୟାଦିରୁ ନିଜର ବଦନାମକୁ ଲୁଚାଇବା ପାଇଁ କ୍ଷମତାର ଅପବ୍ୟବହାର କରି ଏ ସବୁ ହୀନ ଚକ୍ରାନ୍ତ କରୁଛନ୍ତି । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଜିଗ୍ନେସଙ୍କୁ ଅସାମ୍ବିଧାନିକ ଉପାୟରେ ଗିରଫ କରାଯାଇଥିବାରୁ ଏ ଘଟଣାର ତିବ୍ର ନିନ୍ଦା କରାଯିବା ସହିତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ, ଓ ଆସାମ ମୁଖ୍ୟମନ୍ତ୍ରୀ ହେମ' ବିଶ୍ୱଶର୍ମା, ଜିଗ୍ନେସଙ୍କୁ ଲିଖିତ ଆକାରେ କ୍ଷମା ମାଗିବା ସହିତ ତାଙ୍କୁ ଖଲାସ କରି, ତାଙ୍କର ଗୁଜରାଟ ପ୍ରଦେଶର ଗୃହକୁ ପଠାଇବାର ସୁବନ୍ଦୋବସ୍ତ କରିବା ପାଇଁ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବ କରାଯାଇଅଛି । ଅଖିଳ ଭାରତୀୟ କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗର ଓ ରାଜ୍ୟ ଅଧକ୍ଷ ଶ୍ରୀ ବାଙ୍କନିଧି ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ମଣ୍ଡଳୀରେ କଂଗ୍ରେସ ଅନୁସୂଚିତ ଜାତି ବିଭାଗର କର୍ମକର୍ତା ସନ୍ତୋଷ କୁମ୍ଭାର, ମାନସ ମଲ୍ଲିକ,ଜାନକି ମଲ୍ଲିକ, ତାପସ ସେଠି ଓ ଜୟନ୍ତ କୁମାର ଭୋଇ ପ୍ରମୁଖ ମାନ୍ୟବର ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଉଜ୍ଜ୍ୱଳ ତାରକାର ଦୁଃଖଦ ଅବସାନ

ଭୁବନେଶ୍ୱର (ପିଏନ୍): ବିଶିଷ୍ଟ ଯୁବ ବୈଜ୍ଞାନିକ ତଥା ଗବେଷକ ଡାକ୍ତର ସୁଜିତ କୁମାର ମହାନ୍ତି ଦୀର୍ଘଦିନ ଧରି ଫୁସ୍‌ଫୁସ୍ ଜନିତ କ୍ୟାନସର୍ ରୋଗରେ ଆକ୍ରାନ୍ତ ହୋଇ ଗତ ଅପ୍ରେଲ ୮ ତାରିଖ ରାତିରେ ଏକ ଘରୋଇ ହସ୍ପିଟାଲ୍‌ରେ ଇହଲୀଳା ସମ୍ବରଣ କରିଛନ୍ତି । ଡକ୍ଟର ସୁଜିତ ମହାନ୍ତି ହେଉଛନ୍ତି ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ସୁଧୀର ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସୁଜିତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହ ବାୟୋ-ଟେକ୍ନୋଲୋଜିରେ ପାସ୍ କରିବା ପରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍ନୋଲୋଜି, ହାଇଦ୍ରାବାଦରେ ଅଧ୍ୟୟନ କରି ସେଠାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ କରିଥିଲେ । ତା'ପରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବାଙ୍ଗାଲୋରରେ ପଢୁଥିବା ସମୟରେ ବିଭିନ୍ନ ବୈଜ୍ଞାନିକମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ପୂର୍ଣ୍ଣ ଛାତ୍ରବୃତ୍ତି ପାଇ ଉଚ୍ଚଶିକ୍ଷା ହାସଲ କରିବାକୁ ଆମେରିକା ଯାଇଥିଲେ । ସେଠାରେ ଆଇ.ଓ.ଡବ୍ଲ୍ୟୁ.ଏ. ୟୁନିଭରସିଟିରେ ବାୟୋକେମିକାଲ୍ ଇଞ୍ଜିନିୟରିଂରେ ପାସ୍ କରିବା ସଙ୍ଗେସଙ୍ଗେ ପି.ଏଚ୍‌ଡି. ହାସଲ କରିଥିଲେ । ଏହାପରେ ଏକ ବେସରକାରୀ କମ୍ପାନୀରେ କାମ କରି ଗବେଷଣା କରିଥିଲେ । ତାପରେ ପୋଷ୍ଟ ଡକ୍ଟରେଟ୍ କରିବା ସମୟରେ ଆମେରିକାର ବିଶିଷ୍ଟ ଓଡ଼ିଆ ଶିଳ୍ପପତି ଡାକ୍ତର ଶୀତିକଣ୍ଠ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ରାଜ୍ୟରେ ଶିଳ୍ପର ବିକାଶ ପାଇଁ କାର୍ଯ୍ୟ କରିବା ପାଇଁ ୨୦୧୯ ମସିହାରେ ଓଡ଼ିଶା ଫେରି ଆସିଥିଲେ । ଭୁବନେଶ୍ୱରରେ ସ୍ୱାଲୋକମ ବାଇଅଭେଞ୍ଚର୍ କମ୍ପାନୀ ଗଠନ କରି କାର୍ଯ୍ୟ ଆରମ୍ଭ କରିବା ସମୟରେ ଦୁଇଥର କୋରୋନାରେ ଆକ୍ରାନ୍ତ ହୋଇଥିଲେ । ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ କ୍ୟାନ୍‌ସର୍‌ରେ ଆକ୍ରାନ୍ତ ହୋଇଥିଲେ । ଟାଟା ମେମୋରିଆଲ୍ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇ ନଥିଲା । ଭୁବନେଶ୍ୱରରେ ସମ୍ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମାତା ରଞ୍ଜିତା ମହାନ୍ତି, ବଡ଼ଭାଇ ଡାକ୍ତର ସୁବ୍ରତ ମହାନ୍ତି, ଭାଉଜ ଲଭଲିନ୍ ମହାନ୍ତି, ସାନଭାଇ ଡକ୍ଟର ସନ୍ଦୀପ ମହାନ୍ତି, ଭାଇବୋହୂ ଡଃ ପ୍ରିୟଙ୍କା ମହାନ୍ତି ଉପସ୍ଥିତ ଥିଲେ ।

# ଲେଖକ ସମବାୟ ସମିତିର ରାଜ୍ୟସ୍ତରୀୟ କବିତା ପାଠ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲେଖକ ସମବାୟ ସମିତିର ଦଶମ ବାର୍ଷିକ ସାରସ୍ୱତ ସମାରୋହ ଅବସରରେ ଏକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହର ପ୍ରଥର ପର୍ଯ୍ୟାୟରେ ଅନୁଷ୍ଠିତ ଆସରକୁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମ ାସୀନ ଅତିଥି ମାନଙ୍କ ମଧ୍ୟରେ ଅନ୍ୱେସା ସାହିତ୍ୟ ସଂସଦର ସଭାପତି ସୁରେନ୍ଦ୍ର କୁମାର ବେହେରା, କୁଶଳେଶ୍ୱର ସାହିତ୍ୟ ସଂସଦର ଉପସଭାପତି ମଙ୍ଗୁଳି ଚରଣ ପୃଷ୍ଟି, ସମ୍ବାଦ ସାହିତ୍ୟ ଘର ହାଟଡିହୀର ସଭାପତି ଅନ୍ତର୍ଯ୍ୟାମୀ ରାଉତ ଏବଂ ବଉଳା ସାହିତ୍ୟ ସଂସଦର କର୍ମକର୍ତ୍ତା ଅଧ୍ୟାପକ ସୁବାସ ପାତ୍ର, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟରେ କବିତାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ରତ୍ନାକର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ଭବ୍ୟ କବିତା ପାଠରେ ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର ଓ ମୟୁରଭଂଜ ଅଂଚଳର କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ । ଆନନ୍ଦପୁର ଅଂଚଳର କବିମାନଙ୍କ ମଧ୍ୟରେ ଧୁମକେତୁ ଦାସ, ଅର୍ଜୁନ ବେହେରା, ମୁରଲୀଧର ବେହେରା, ଉମାକାନ୍ତ ଜେନା, ନରହରି ରାଉତ, ବନମାଳୀ ଜେନା, ଅଭୟ ସାମଲ, ବାମନ ବେହେରା, ସୁଦାମ ଚରଣ ଜେନା, ସୁରେନ୍ଦ୍ର କୁମାର ପରିଡା, ଦଶରଥ ସାହୁ, ରାମଚନ୍ଦ୍ର ଜେନା, ନିରନ ସାହୁ, ଗୋବର୍ଦ୍ଧନ ନାୟକ, ବୈଲୋଚନ ସାହୁ, ଜ୍ୟୋସ୍ନା ଦାସ, ମାଳତୀ ପଣ୍ଡା, କୀର୍ତ୍ତନ ସାହୁ, ରଘୁନାଥ ପଣ୍ଡିତ ପ୍ରମୁଖ କବିମାନେ କବିତା ଆବୃତ୍ତି କରିଥିଲେ । ପ୍ରଥମରେ ଛାତ୍ରୀ ସୁଦେସ୍ନା ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ ଓ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲା ସ୍ୱରେଜ୍ ପ୍ରକଳ୍ପରେ ଦୁର୍ନୀତି ଓ ଅନିୟମିତତା ନେଇ ଏଡିଏମ୍‌ଙ୍କୁ ସାକ୍ଷାତ କଲା ଜିଲ୍ଲା କଂଗ୍ରେସ

ରାଉରକେଲା (ପିଏନ୍): ରାଉରକେଲା ସ୍ୱରେଜ୍ ପ୍ଲାଣ୍ଟ ପ୍ରକଳ୍ପରେ ହୋଇଥିବା ବ୍ୟାପକ ଦୁର୍ନୀତି, ଅନିୟମିତତା ତଥା ବୋର୍ଡ କର୍ତ୍ତୃପକ୍ଷଙ୍କ ତରଫରୁ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀ ବେଆଇନ୍ ଭାବେ ଯୋଗାଇ ଦିଆଯାଉଥିବା ସୁବିଧା ସମ୍ପର୍କରେ ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମର କମିଶନର ଡ.ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ସମସ୍ତ ବିଷୟ ଅବଗତ କରାଯାଇଛି । ପ୍ରାୟ ୩୪୮ କୋଟି ଟଙ୍କା ବ୍ୟୟ ମୁରୀରେ ଗତ ୨୦୧୭ ମସିହାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇ ୨୦୨୦ ଜାନୁୟାରୀ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସମ୍ପୂର୍ଣ୍ଣ ହୋଇ ନାହିଁ । ଯେଉଁ କାର୍ଯ୍ୟ ହାତକୁ ନିଆଯାଇଛି ସେଥିରୁ ବର୍ତ୍ତମାନ ସୁଦ୍ଧା ୨୦ ପ୍ରତିଶତ ବାକି ଥିବାବେଳେ ଯେଉଁ କାମ କରାଯାଇଛି ତାହା ଅତ୍ୟ' ନିମ୍ନମାନର ହୋଇଥିବାରୁ ତାହା ସହରବାସୀଙ୍କ ପାଇଁ ସର୍ବଦା ସମସୟା ସୃଷ୍ଟି କରୁଛି ବୋଲି କଂଗ୍ରେସ ନେତୃବୃନ୍ଦ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦତ୍ତ ଏକ ସ୍ମାରକପତ୍ରରେ କୁହାଯାଇଛି ଯେ, ମୁଖ୍ୟମାର୍ଗର ତାରିଣୀ ମନ୍ଦର ଠାରୁ ରଘୁନାଥପାଲ୍ଲୀ ଥାନା ପର୍ଯ୍ୟ' ଓ ଏସ୍‌ଟିଆଇ ଓଭରବ୍ରିଜ ଠାରୁ ବିରଜାପାଲ୍ଲୀ ଓଭର ବ୍ରିଜ୍ ପର୍ଯ୍ୟ' ସ୍ୱରେଜ୍ ପାଇପ୍ ବିଛାଯାଇ ନାହିଁ । ସେହିପରି ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ ଛକଠାରୁ ବିଏସ୍‌ଏନ୍‌ଏଲ ଛକ ପର୍ଯ୍ୟ' ଉଭୟ ପାର୍ଶ୍ୱରେ ମଧ୍ୟ ପାଇପ୍ ବିଛାଯାଇ ନାହିଁ । ମୂଳ ଡ୍ରଇଁରେ ପାଇପ୍ ବିଛାଇବା ବ୍ୟବସ୍ଥା ଥିଲେ ହେଁ କାହିଁକି ଏଠାରେ ପାଇପ୍ ବିଛାଯାଇ ନାହିଁ ଓ ଏ ବାବଦ ଅର୍ଥ କୁଆଡେ ଗଲା ତାହା ଅନୁଧ୍ୟାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସେହିପରି ଯେଉଁ ପାଇପ୍ ବିଛା କାର୍ଯ୍ୟ କରାଯାଇଛି ଏଥିରେ ଆବଶ୍ୟକୀୟ ଗ୍ରାନାଇଟ୍ ପଥର ଚିପ୍‌ସ ଓ ଆବଶ୍ୟକୀୟ ବାଲି ଭର୍ତ୍ତି କରାଯାଇନଥିବାରୁ ବିଭିନ୍ନ ସ୍ଥାନରେ ରାସ୍ତା ଦବିଯାଉଥିବା ଦେଖାଯାଉଛି । ଯାହାର ଉଦାହରଣ ହେଉଛି ଜୋଲ୍ ରୋଡ୍, ଛେଣ୍ଡ ମୁଖ୍ୟମାର୍ଗ, ଆଇଟିଆଇ କଳିଙ୍ଗ ବିହାର ରାସ୍ତା, ବାସ'ୀ ପାଣି ଟାଙ୍କି ରାସ୍ତା ଇତ୍ୟାଦି । ଅତ୍ୟ' ନିମ୍ନମାନର କାର୍ଯ୍ୟ କରାଯାଇ ପାଇପ୍ ଲାଇନର ମେନ୍ ହୋଲ ନିର୍ମାଣ କରାଯାଇଥିବାରୁ ସେଗୁଡିକ କେଉଁଠି ରାସ୍ତା ଉପରେ ତ ଆଉ କେଉଁଠି ରାସ୍ତା ତଳେ ରହିଛି । ଫଳରେ ପ୍ରତିଦିନ ଛୋଟବଡ ଦୁର୍ଘଟଣାର କାରଣ ସାଜୁଛି । ପାଇପ୍ ବିଛା କାର୍ଯ୍ୟ ପରେ ରାସ୍ତା ନିର୍ମାଣ କରି ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ଠିକା ସଂସ୍ଥା ଏଲ୍‌ଆଣ୍ଡଟି କମ୍ପାନୀର ହୋଇଥିବା ବେଳେ ସମ୍ପ୍ରତି ଦବିଯାଉଥିବା ଓ ଭୁଷୁଡି ପଡୁଥିବା ରାସ୍ତାଗୁଡିକୁ କାହିଁକି ଆର୍‌ଏମ୍‌ସି ନିର୍ମାଣ କରୁଛି ବୋଲି ଦଳ ତରଫରୁ ପ୍ରଶ୍ନ କରାଯାଇ ଏହାର ଅନଧାନ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଛେଣ୍ଡ ବାଗୁଡି ବସ୍ତି ଓ ବ୍ୟାଙ୍କ କଲୋନୀରେ ସ୍ୱରେଜ୍ ପାଇପ୍ ବିଛାଇବା ପାଇଁ ମୂଳ ଡ୍ରଇଁରେ ବ୍ୟବସ୍ଥା ନଥିବା ବେଳେ ଏ ଅ ଳରେ ପ୍ରାୟ ୩୦ ଲକ୍ଷ ଟଙ୍କାର ପାଇପ୍ ବିଛାଯାଇ ପରିତ୍ୟକ୍ତ ଅବସ୍ଥାରେ ଛାଡି ଦିଆଯାଇଛି । ଏହି ପାଇପ୍ ଲାଇନ୍‌କୁ କୌଣସି ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇନଥିବାରୁ ଏହି ପାଇପ୍ ବିଛା କାର୍ଯ୍ୟ ନଷ୍ଟ ହେବା ସହିତ ଏ ବାବଦରେ ବୋର୍ଡର ବିପୁଳ ଅର୍ଥ ନଷ୍ଟ ହେବାକୁ ଯାଉଥିବା ଏହାର ଆବଶ୍ୟକୀୟ ଅନୁଧ୍ୟାନ ପାଇଁ ଅନୁରୋଧ କରାଯାଇଛି । ଅପରପକ୍ଷରେ ଉକ୍ତ ଅ ଳରେ ପାଇପ୍ ବିଛା ବାବଦକୁ ଗୁଡାଏ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା କଂଗ୍ରେସ ତରଫରୁ ଅଭିଯୋଗ କରାଯାଇଛି । ପ୍ରତ୍ୟେକ ବାସଗୃହକୁ ସ୍ୱରେଜ୍ ସଯୋଗୀକରଣ ପାଇଁ ସରକାର କିଛି ନିର୍ଦ୍ଦେଶନାମା ଜାରି କରିନଥିବା ବେଳେ ସ୍ଥାନୀୟ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ତାଙ୍କର କିଛି ପୋଷା ଠିକାଦାର ମାଧ୍ୟମରେ ବେଆଇନ୍ ଭାବେ ସ୍ୱରେଜ୍ ସଂଯୋଗୀକରଣ ପାଇଁ ଘର ପିଛା ୨୫ରୁ ୪୦ ହଜାର ଟଙ୍କା ଆଦାୟ କରୁଛନ୍ତି । ତେଣୁ ଏହା ମଧ୍ୟ ଅନୁଧ୍ୟାନ ସାପେକ୍ଷ ବୋଲି କଂଗ୍ରେସ ତରଫରୁ କୁହାଯାଇଛି । ସେହିପରି ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ସ୍ୱରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପରିସରରେ ଏଲ୍‌ଆଣ୍ଡଟି କମ୍ପାନୀ ୨ ବର୍ଷ ହେଲା ନିଜ କାର୍ଯ୍ୟାଳୟ ଚଲାଉଥିବା ବେଳେ ୨ଟି କୋଠାକୁ ତାର କର୍ମଚାରୀଙ୍କ ପାଇଁ ଅତିଥି ଭବନ ଭାବେ ବ୍ୟବହାର କରୁଛ । ଏହାର ଭଡା ବାବଦକୁ ଟଙ୍କାଟିଏ ଏଲ୍‌ଆଣ୍ଡଟି କମ୍ପାନୀର ବିଲ୍‌ରୁ କଟାଯାଉନଥିବା ବେଳେ କୋଠାରେ ପାଣି ଓ ବିଜୁଳି ବିଲ୍ ବାବଦକୁ ମାସିକ ଲକ୍ଷାଧିକ ଟଙ୍କା ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀ ପ୍ରତି କାହିଁକି ଏପରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ କରୁଛନ୍ତି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ କୁହାଯାଇଛି । ତେବେ ସ୍ୱରେଜ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ତଦାରଖ ପାଇଁ ରାଜ୍ୟ ସରକାର ସିଙ୍ଗାପୁରର ମେନ୍‌ହରଡାଟ୍ ପ୍ରାଇଭେଟ୍ କମ୍ପାନୀକୁ ୩୪ କୋଟି ଟଙ୍କାରେ ଚୁକ୍ତିବଦ୍ଧ କରିଥିବା ବେଳେ ଉକ୍ତ ସଂସ୍ଥା କ'ଣ ତଦାରଖ କରି କି ରିପୋର୍ଟ ଦେଇଛି ଓ କେତେ ଅର୍ଥ ସେ ବାବଦରେ ସରକାରଙ୍କ ଠାରୁ ନେଇଛି ତାହା ତଦ' ସାପେକ୍ଷ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ସମ୍ପ୍ରତି କାର୍ଯ୍ୟ ଅଧପ'ରିଆ ଅବସ୍ଥାରେ ଥିବାବେଳେ ସ୍ୱରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଲ୍‌ଆଣ୍ଡଟି କମ୍ପାନୀକୁ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ପ୍ରମାଣପତ୍ର ଦେବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ତେଣୁ ଏହି ଘଟଣାରେ ଅତିରିକ୍ତ ଜିଲ୍ଲାପାଳ ହସ୍ତକ୍ଷେପ କରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟ' ପ୍ରକଳ୍ପର ହସ୍ତା'ର ପ୍ରକ୍ରିୟା ବନ୍ଦ ରଖିବାକୁ ସ୍ମାରକପତ୍ରରେ କଂଗ୍ରେସ ତରଫରୁ ଉଲ୍ଲେଖ କରାଯାଇଛି । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ବରିଷ୍ଠ ଉପସଭାପତି ଦେବବ୍ରତ ବିହାରୀ, ଅନ୍ୟତମ ଉପସଭାପତି ସ'ୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧକ୍ଷ ବିସ୍ମୟ ଦାସ, ଅସଙ୍ଗଠିତ ଶ୍ରମିକ କଂଗ୍ରେସ ଅଧ୍ୟକ୍ଷ ନିହାର ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ମୁଖପାତ୍ର କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ପୂର୍ବତନ ବ୍ଲକ୍ ସଭାପତି ବିନୋଦ ବିହାରୀ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ, ନରେନ୍ଦ୍ର ବର୍ମା ପ୍ରମୁଖ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଓଡ଼ିଶାରେ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ୍ ଇଣ୍ଡିଆ କେ ବୋଲ୍ ସିଜିନ-୨ ଶୁଭାରମ୍ଭ

ଭୁବନେଶ୍ୱର (ପିଏନ୍): ଯୁବ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ ଭୁବନେଶ୍ୱରରେ 'ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨' ଅଭିଯାନ ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା, ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ର ଓଡ଼ିଶା ପ୍ରଭାରୀ ନମ୍ରତା ସୋନୀ, ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ତଥା ଓଡ଼ିଶା ସହ ପ୍ରଭାରୀ ଜାବେଦ ଖାନଙ୍କ ସମେତ ଯୁବ କଂଗ୍ରେସର ଅନ୍ୟ ପ୍ରଦେଶ ପଦାଧିକାରୀମାନେ ଉପସ୍ଥିତ ରହି ଅଭିଯାନର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ପ୍ରଭାରୀ ନମ୍ରତା ସୋନୀ କହିଲେ ଯେ ୟଙ୍ଗ ଇଣ୍ଡିଆ କେ ବୋଲ ହେଉଛି ଏଭଳି ଏକ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଯୁବବର୍ଗ ନିଜ ଅଂଚଳଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରସଙ୍ଗ ଉପରେ ନିଜର ଦୃଢ଼ ମତ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏହି ପ୍ରକ୍ରିୟା ପାଇଁ ଏକ ଗୁଗୁଲ ଫର୍ମ ଜାରି କରାଯାଇଛି, ଯାହାକି ମେ ୩୧ ସୁଦ୍ଧା ପୂରଣ କରାଯାଇପାରିବ । ଦ୍ୱିତୀୟ ପର୍ଯ୍ୟାୟରେ ଏହି ଅଂଶଗ୍ରହଣକାରୀମାନଙ୍କୁ ନେଇ ଜିଲ୍ଲାସ୍ତରରେ ବିଭିନ୍ନ ବକ୍ତୃତା ପ୍ରତିଯୋଗିତା ଆୟୋଜନ କରାଯିବ । ଏଥିରେ କୃତୀ ପ୍ରତିଯୋଗୀ ପରେ ରାଜ୍ୟସ୍ତରୀୟ ଏବଂ ବିଭିନ୍ନ ରାଜ୍ୟରୁ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ, ଯାହାକି ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ।

ସହ ପ୍ରଭାରୀ ଜାବେଦ ଖାନ ସୂଚନା ଦେଇ କହିଲେ ଯେ ସାରା ଦେଶରେ ଯୁବ ପ୍ରତିଭା ଓ ସାହସୀ ଯୁବବର୍ଗଙ୍କୁ ଖୋଜି ବାହାର କରିବା ନିମନ୍ତେ ରାହୁଲ ଗାନ୍ଧିଙ୍କ ଅଭିନବ ପରିକଳ୍ପନା ସ୍ୱରୂପ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ୨୦୨୧ରେ ଭାରତୀୟ ଯୁବ କଂଗ୍ରେସ ପକ୍ଷରୁ ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମ ମାଧ୍ୟମରେ ୨୭ଜଣ ରାଷ୍ଟ୍ରୀୟ ପ୍ରବକ୍ତା ଓ ୨୫୦ରୁ ଊର୍ଦ୍ଧ୍ୱ ପ୍ରଦେଶସ୍ତରୀୟ ପ୍ରବକ୍ତାଙ୍କୁ ଚୟନ କରାଯାଇଥିଲା । ରାହୁଲ ଗାନ୍ଧିଙ୍କ ଏହି ପରିକଳ୍ପନାକୁ ପୁଣି ଥରେ ସାକାର କରିବା ନିମନ୍ତେ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ପ୍ରଭାରୀ କ୍ରିଷ୍ଣା ଆଲାବାରୁଙ୍କ ମାର୍ଗ ଦର୍ଶନ ତଥା ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ ବି.ଭି ଶ୍ରୀନିବାସଙ୍କ ନେତୃତ୍ୱରେ ଦେଶବ୍ୟାପୀ ୟଙ୍ଗ ଇଣ୍ଡିଆ କେ ବୋଲ ସିଜିନ-୨ ଆରମ୍ଭ ହୋଇଛି । ଗତ ୨୬ ମାର୍ଚ୍ଚରୁ ଯୁବ କଂଗ୍ରେସ ରାଷ୍ଟ୍ରୀୟ କାର୍ଯ୍ୟାଳୟଠାରେ ଉଦ୍‌ଘାଟିତ ହୋଇଥିବା ଏହି ଅଭିଯାନ ବିଭିନ୍ନ ରାଜ୍ୟରେ କରାଯାଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରନ ରାଉତ, ବୀରେନ କୁମାର ଦଳେଇ, ଆଶୁତୋଷ ଲେଙ୍କା, ଶ୍ରୀବତ୍ସ ରଥ, ମନିଷା ଦାଶ ପଟ୍ଟନାୟକ, ରାକେଶ ଦାସ, ରିତୁଲ ମହାରଣା, ସୌମ୍ୟରଂଜନ ମିଶ୍ର, ଅକ୍ଷୟ କୁମାର ମଲ୍ଲ, ହରିଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ବୈଠକ ସଭାପତି ଅଗାଧୁ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିବା ସହ ଦୀର୍ଘ ୬ ବର୍ଷ ଧରି ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ନୂତନ ଶିକ୍ଷକ ନିଯୁକ୍ତି କରି ନାହାନ୍ତି । ଫଳରେ ବହୁ ଶିକ୍ଷକ ପଦବୀ ଖାଲି ପଡିଥିବାବେଳେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପଡିଛି । ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଗୁଣାତ୍ମକ ମାନ ବୃଦ୍ଧି ପାଇନାହିଁ ବୋଲି ସଂଘ ଅଭିଯୋଗ କରିଛି । ତେବେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାରୁ ଶିକ୍ଷା ଅଧିକାରୀମାନେ ସମାଧାନ କରିପାରି ନାହାନ୍ତି । ସମସ୍ତ ଜିଲ୍ଲାର ଶିକ୍ଷକଙ୍କ ପଦୋନ୍ନତି ଦିଆଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ଲେବୁଲ୫(କ)ରୁ ୫(ଖ)ରୁ ଲେବୁଲ ୪କୁ ପଦୋନ୍ନତି କରାଯାଉନାହିଁ । ଶିକ୍ଷକମାନଙ୍କୁ ନିଜ ବ୍ଲକକୁ ବଦଳି କରିବା, ବେଗୁନିଆ ବ୍ଲକର ଯେଉଁ ଶିକ୍ଷକମାନଙ୍କର ୧୦ ବର୍ଷ ପୂରଣ ହୋଇଛି ସେମାନଙ୍କୁ ଏମଏସପି ସୁବିଧା ଦେବା, ମାସର ପ୍ରଥମ ଦିନର ଦରମା ପ୍ରଦାନ କରିବା ଓ ଶିକ୍ଷକମାନଙ୍କୁ ଡିଆଇସି ପାସ ବୁକ ପ୍ରଦାନ କରାଯାଉ ନଥିବାରୁ ନେତୃବୃନ୍ଦ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଓଡିଶାରେ ବିଲାଇଭର ୫ମ ମଲ୍ଟି ବ୍ରାଣ୍ଡ ଷ୍ଟୋର

ଭୁବନେଶ୍ୱର,(ପି.ଏନ): ସାରା ଦେଶରେ ଏହାର ସମ୍ପ୍ରସାରଣ ପ୍ରୟାସ ଜାରି ରଖିଥିବା ବିଲାଇଭ ଭାରତର ଦ୍ରୁତତମ ବୃଦ୍ଧି ପାଉଥିବା ମଲ୍ଟି ବ୍ରାଣ୍ଡ ଇଲେକ୍ଟ୍ରିକ୍ ଯାନ ପ୍ଲାଟଫର୍ମ,ଏହାରପଞ୍ଚମ ମଲ୍ଟି ବ୍ରାଣ୍ଡ ଷ୍ଟୋର ଓଡିଶାର ବ୍ରହ୍ମପୁରରେ ଖୋଲିଛି । ବିଲାଇଭର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରତୀକ ଦାଶଙ୍କ ସହ ଶ୍ରୀ ସ'ୋଷ କୁମାର ଅଗ୍ରୱାଲ, ଆଶିଷ ଅଗ୍ରୱାଲ ଏବଂ ଷ୍ଟୋର କର୍ମଚାରୀଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ । ବୈଦୁତିକ ଗତିଶୀଳତା ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧିରେ ବିଶ୍ୱ ସଚେତନତା ହେତୁ ଗ୍ରାହକଙ୍କ ଚାହିଦାର ବୃଦ୍ଧିକୁ ନଜରରେ ରଖି ଏହି ଭାରତର ୨୬ ତମ ଇଭି ଷ୍ଟୋରକୁ ଓଡିଶାର ବ୍ରହ୍ମପୁରରେ ଖୋଲାଯାଇଛି । ବିଲାଇଭ ଷ୍ଟୋର ଏକାଧିକ ଇଭି ବ୍ରାଣ୍ଡ, ବିଶେଷଜ୍ଞ ସମର୍ଥନ, ସହଜ ଅର୍ଥ ଏବଂ ରୋମାଞ୍ଚକର ଅଫରରୁ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଯାନ ପ୍ରଦାନ କରେ । ବିଭିନ୍ନ ବୈଦ୍ୟୁତିକ ସ୍କୁଟର, ଚକ, ମୋଟରସାଇକେଲ ଏବଂ ବିତରଣ ଯାନ ପାଇଁ କ୍ରେତାମାନେ ଇଏମଆଇରେ ମାସକୁ ୨,୦୦୦ ରୁ କମ୍ ଚୟନ କରିପାରିବେ । ୨୦ ରୁ ଅଧିକ ଫ୍ରାଞ୍ଚାଇଜ୍ ମାଲିକାନା ଷ୍ଟୋରଗୁଡିକର ଏକ ନେଟୱାର୍କ ସହିତ,ବିଲାଇଭ ୨୫୦୦ ରୁ ଅଧିକ ପରିବାର ଏବଂ ବ୍ୟବସାୟକୁ ବୈଦୁତିକ ଯାନ ମାଧ୍ୟମରେ ସାହାଯ୍ୟ କରିଛି । ଷ୍ଟୋରରେ କିନେଟିକ୍ ଗ୍ରୀନ୍, ହିରୋ ଲେକ୍ଟ୍ରୋ, ଡିଟେଲ, ବ୍ୟାଟ୍‌ରେ, ଜେମୋପାଇ, ଟେଟୋ ଇଲେକ୍ଟ୍ରା, ଇ-ମୋଟୋରଡ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଯାନ ପ୍ରଦର୍ଶିତ ହୋଇଛି । ଗ୍ରାହକମାନେ ଷ୍ଟାଇଲିସ୍ ଲୁକ୍ ସହିତ ବହୁ ପ୍ରତୀକ୍ଷିତ ହାଇ ସ୍ପିଡ୍ ଇଭିଗୁଡିକ ମଧ୍ୟରୁ ଗୋଟିଏ ଅନୁଭବ କରିପାରନ୍ତି - ବିଲାଇଭର ମଲ୍ଟି ବ୍ରାଣ୍ଡ ଷ୍ଟୋରରେ ବ୍ୟାଟ୍: ପୁନ ଷ୍ଟୋରୀ । ଏହି ସ୍ମାର୍ଟ ଏବଂ ଅଭିନବ ଇ-ବାଇକ୍ ବ୍ୟାଟ୍‌ରେ ଏହାର ରେ ପ୍ରଥମ ଅଟୋ।ସିଇଓ ତଥା ସହ-ପ୍ରତିଷ୍ଠାତା ସମର ଖୋଲକର କହିଛନ୍ତି ଯେ 'ଓଡିଶାରେ ଭଳି ରାଜ୍ୟରେ ଏକ ନୂତନ ମଲ୍ଟି ବ୍ରାଣ୍ଡ ଅଭିଜ୍ଞତା ଷ୍ଟୋର ସହିତ ଆମର ଉପସ୍ଥିତି ବଢାଇବାକୁ ଆମେ ଉତ୍ସାହିତ । ସତ କହିବାକୁ ଗଲେ, ଆମେ ଓଡିଶାରେ ଏହି ପ୍ରକାରର ଜବରଦସ୍ତ ପ୍ରତିକ୍ରିୟା ପାଇବାକୁ ଆଶା କରିନାହୁଁ; ଆମେ ପ୍ରକୃତରେବ୍ରହ୍ମପୁରର ନୂତନ ଷ୍ଟୋର ଲୋକମାନଙ୍କୁ ଇଲେକ୍ଟ୍ରିକ୍ ଗତିଶୀଳତାପାଇଁ ଇଭିଏସ୍ ଷ୍ଟୋର ହୋମ ଡେମୋକୁ ମଧ୍ୟ ସୁଗମ କରିବ ଏବଂ ଗ୍ରାହକଙ୍କୁ ରୋମାଞ୍ଚକର ଅଫର ଏବଂ ସହଜ ଫାଇନାନ୍ସ ବିକଳ୍ପ ବିଷୟରେ ସୂଚନା ପ୍ରଦାନ କରିବ । 'ଜଳବାୟୁ ପରିବର୍ତ୍ତନ ଚି'ାଧାରାକୁ ନେଇ ବିଶ୍ୱସ୍ତରୀୟ ସଚେତନତା ସହିତ ବୈଦ୍ୟୁତିକ ଗତିଶୀଳତା ବୃଦ୍ଧି ପାଇଁ ଭାରତର ପ୍ରତିବଦ୍ଧତା ଦ୍ୱାରା ରାଜ୍ୟ ସରକାର ଚଳିତ ବର୍ଷ ପ୍ରାରମ୍ଭରେ ଏହାର ଇଭି ନୀତି ପ୍ରକାଶ କରିଛନ୍ତି ଯାହା ଉଭୟ ବ୍ୟକ୍ତିଗତ ଗତିଶୀଳତା ଏବଂ ସାଧାରଣ ପରିବହନ ବିଭାଗରେ ବୈଦ୍ୟୁତିକ ଯାନ ଗ୍ରହଣକୁ ସମର୍ଥନ କରିବ । ଇଭି ନୀତି ମଧ୍ୟ ସ୍ୱଚ୍ଛ ଶକ୍ତି ଉତ୍ସ ଉପରେ ଧ୍ୟାନ ଦେଇ ଇଲେକ୍ଟ୍ରିକ୍ ଭେଇକିଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ବ୍ୟାଟେରୀ ସ୍ୱାପିଂ ଷ୍ଟେସନର ଏକନେଟୱାର୍କ ସୃଷ୍ଟି କରିବାକୁ ସକ୍ଷମ କରିବାକୁ ଚେଷ୍ଟା କରେ ।ଚଳିତ ବର୍ଷ ଫେବୃଆରୀରେ ଘୋଷିତ ହୋଇଥିବା ଇଭି ନୀତି ଅନୁଯାୟୀ ମିଶନ ଶକ୍ତି, ବ୍ୟକ୍ତିବିଶେଷ ତଥା ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଓଡିଶା ସରକାର ସ୍ୱତନ୍ତ୍ର ଯୋଜନା ଘୋଷଣା କରିଛନ୍ତି । ବ୍ରହ୍ମପୁରରେ ଥିବା ବିଲାଇଭ ଷ୍ଟୋରର ଆଶିଷ ଅଗ୍ରୱାଲ ଏହି ଉନ୍ମୋଚନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, 'ଆମେ ବିଲାଇଭ ସହ ସହଭାଗୀ ହୋଇ ଗର୍ବିତ ଏବଂ ଓଡିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଉତ୍ସାହିତ କରିବା ଦିଗରେ ଆମର ପ୍ରତିବଦ୍ଧତା ପ୍ରଦର୍ଶନ କରୁଛୁ । ଇଭିଏସ୍ ଶୀଘ୍ର ଜନତାଙ୍କ ମଧ୍ୟରେ ଆକର୍ଷିତ ହେବାରେ ଲାଗିଛି, ସେମାନଙ୍କର କାର୍ଯ୍ୟଦକ୍ଷତା ଏବଂ ନିର୍ଭରଯୋଗ୍ୟତା ଉପରେ ସାମାନ୍ୟ ଆଶଙ୍କା ଅଛି । ଆମେ ଲୋକମାନଙ୍କୁ ଅନୁରୋଧ କରୁଛୁ ଯେ ଆମର ବୈଦ୍ୟୁତିକ ଯାନଗୁଡିକର ପରିସର ଅନୁସନ୍ଧାନ କରିବାକୁ ଏବଂ ଇଲେକ୍ଟ୍ରିକ୍ ଗତିଶୀଳତା କାହିଁକି ଘଣ୍ଟାର ଆବଶ୍ୟକତା ଅଟେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଖରାବର୍ଷାରେ ସାଇକେଲ୍, ଖୋଲା ଆକାଶ ତଳେ ପ୍ରାର୍ଥନା



ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ୍‌ର ସର୍ବପୁରାତନ ହାଇସ୍କୁଲ ଧର୍ମଶାଳା ବାଣୀପୀଠରେ ଛାତ୍ରଛାତ୍ରୀଙ୍କ ପାଇଁ ସାଇକେଲ୍ ଷ୍ଟାଣ୍ଡ୍ କିମ୍ବା ପ୍ରାର୍ଥନା କରିବାକୁ ଅଡ଼ିଟୋରିୟମ୍ ନାହିଁ । ଖରାବର୍ଷାରେ ସାଇକେଲ ରହି ଖରାପ ହେଉଥିବା ବେଳେ ଖୋଲା ଆକାଶ ତଳେ ଛାତ୍ରଛାତ୍ରୀ ପ୍ରାର୍ଥନା କରୁଛନ୍ତି । ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଯେ, ୧୯୪୭ ମସିହାରେ ପ୍ରତିଷ୍ଠିତ ଏହି ହାଇସ୍କୁଲ ୨୦୨୨ରେ ପ୍ଲାଟିନମ୍ ଜୁବୁଲି ଉତ୍ସବ ପାଳନ କରିଛି । ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ୫ଟି ଶ୍ରେଣୀ ରହିଛି । ଚଳିତ ବର୍ଷ ଏଠାରେ ୫୪୮ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ଷଷ୍ଠ ଶ୍ରେଣୀରେ ୭୬ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସପ୍ତମରେ ୮୦, ଅଷ୍ଟମରେ ୧୧୩, ନବମରେ ୧୩୬ ଓ ଦଶମ ଶ୍ରେଣୀରେ ୧୪୩ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ୭୬ବର୍ଷର ଏହି ପୁରାତନ ବିଦ୍ୟାଳୟକୁ ଦେଢ଼ବର୍ଷ ପୂର୍ବେ ୫-ଟି ଯୋଜନାରେ ରୂପାନ୍ତରିତ କରାଯାଇଛି । ହେଲେ ଏହି ସମୟରେ ଏଠାରେ ସାଇକେଲ ଷ୍ଟାଣ୍ଡ୍ ନିର୍ମାଣ କରାଗଲା ନାହିଁ । ବରଂ ପୁରୁଣା ସାଇକେଲ୍ ଷ୍ଟାଣ୍ଡ୍‌କୁ ଭାଙ୍ଗି ଦିଆଯାଇ ଉକ୍ତ ସ୍ଥାନରେ ବିଜ୍ଞାନାଗାର କରାଯାଇଛି । ଫଳରେ ପ୍ରତିଦିନ ପ୍ରାୟ ୫୦୦ସାଇକେଲ୍ ବାହାରେ ରଖିବାକୁ ଛାତ୍ରଛାତ୍ରୀମାନେ ବାଧ୍ୟ ହେଉଛନ୍ତି । ଅତ୍ୟଧିକ ଖରା ହେଲେ ସାଇକେଲ୍ ଟାୟାର ଫାଟି ଯାଉଥିବା ବେଳେ ବର୍ଷା ହେଲେ ବଲ୍, ବେରିଙ୍ଗ୍‌ରେ ପାଣିପଶି ସାଇକେଲ୍ ଖରାପ ହେଉଛି । ସେହପରି ବାରଣ୍ଡାରେ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ପ୍ରାର୍ଥନା କରିବା ସମ୍ଭବ ହେଉନାହିଁ । ଶ୍ରେଣୀଗୃହ ସାମ୍‌ନାରେ ପ୍ରତିଦିନ ପ୍ରାର୍ଥନାସଭା ହେଉଛି । ଅଧିକ ଖରା ହେଲେ ଦୁର୍ବଳ ପିଲା ଚେତାଶୂନ୍ୟ ହୋଇ ଯାଉଥିବା ବେଳେ ବର୍ଷା ହେଲେ ପ୍ରାର୍ଥନାସଭା ବାଧାପ୍ରାପ୍ତ ହେଉଛି । ବିଦ୍ୟାଳୟ ପରିସରରେ ନଡ଼ିଆଗଛ ଥିବାରୁ ଉପରୁ ନଡ଼ିଆ ଖସିବାର ଭୟ ମଧ୍ୟ ରହିଛି । ଏଠାରେ ଏକ ଅଡ଼ିଟୋରିୟମ୍ ନିର୍ମାଣ କରାଗଲେ ଛାତ୍ରଛାତ୍ରୀମାନେ ପ୍ରାର୍ଥନା କରିପାରନ୍ତେ ଏବଂ ବିଦ୍ୟାଳୟର ବିଭିନ୍ନ ଉତ୍ସବ ଓ ସଭାସମିତି ହୋଇପାରନ୍ତା । ହେଲେ ବିଦ୍ୟାଳୟ ରୂପାନ୍ତରଣ ସମୟରେ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦିଆଗଲା ନାହିଁ । ଏହାକୁ ନେଇ ଛାତ୍ରଛାତ୍ରୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଠାରେ ଏକ ଉନ୍ନତ ଅଡ଼ିଟୋରିୟମ୍ ଓ ସାଇକେଲ୍ ଷ୍ଟାଣ୍ଡ୍ ନିର୍ମାଣ କରିବାକୁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି ।

# ବାଇକ୍ ଧକ୍କାରେ ବୃଦ୍ଧ ଗୁରୁତର

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ପଲାର ଗାଁ ନିକଟ ହାଇଲେଭଲ୍ କେନାଲ ରାସ୍ତାରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧ ଆହତ ହୋଇଛନ୍ତି । ଆହତ ବୃଦ୍ଧ ହେଉଛନ୍ତି ସ୍ଥାନୀୟ ଗଙ୍ଗାଧରପୁର ପଂଚାୟତ ନୂଆଗାଁର ଚନ୍ଦ୍ରଶେଖର ମହାନ୍ତି(୬୦) । ଗତକାଲି ରାତିରେ ସେ ବ୍ରାହ୍ମଣଦା(ଭାତୁରିପଶି) ଗ୍ରାମରୁ ଚାଲିକି ଘରକୁ ଫେରୁଥିଲେ । ଏହି ସମୟରେ କଟକ ତରାପୁର ଅଂଚଳର ପ୍ରଦୀପ କୁମାର ସେଠୀଙ୍କ ବାଇକ୍ (ଓଡ଼ି୦୪ଏମ୍-୩୭୯୯) ଭାରସାମ୍ୟ ହରାଇ ଚନ୍ଦ୍ରଶେଖରଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ଆହତ ହେବା ସହିତ ବାଇକ୍ ଚାଳକ ମଧ୍ୟ ଆହତ ହୋଇଥିଲେ । ନିକଟସ୍ଥ ଲୋକେ ଉଭୟଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଚନ୍ଦ୍ରଶେଖରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣା ସଂପର୍କରେ ଚନ୍ଦ୍ରଶେଖରଙ୍କ ପରିବାର ଲୋକେ ଥାନାରେ ଏତଲା ଦେଇଛନ୍ତି । ପୁଲିସ୍ ଘଟଣାର ତଦନ୍ତ କରୁଛି ।

# କେନ୍ଦ୍ରାପଡା କଲେଜ ଦର୍ଶନଶାସ୍ତ୍ର ବିଭାଗର ଆଲୋଚନାଚକ୍ର

କେନ୍ଦ୍ରାପଡ଼ା,(ପି,ଏନ) : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ବିଭାଗ ଆନୁକୂଲ୍ୟରେ "ଅତି ଭୌତିକ ବିଦ୍ୟା ଅନୁସାରେ ଆତ୍ମାର ପରିଚୟ ଏବଂ ପରିଭାଷା"ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗୀୟ ସେମିନାର ହଲରେ ଆଜି ଅନୁଷ୍ଠିତ ହୋଇଯାଇଛି । ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସତ୍ୟରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ମାର୍ଶାଘାଇ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ପ୍ରାଧ୍ୟାପକ ରବିନ୍ଦ୍ର କୁମାର ପାତ୍ର ଯୋଗଦେଇ ଆତ୍ମାର ପରିଚୟ ଓ ପରିଭାଷାଉପରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ସହଯୋଗୀ ପ୍ରାଧ୍ୟାପକ ଡ. ଅଶୋକ କୁମାର ତରାଇ ଯୋଗଦେଇ ଆତ୍ମା ଏବଂ ଶରୀରର ପରିଭାଷା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଏହି ଅବସରରେ ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କ ବିଭିନ୍ନ ପ୍ରଶ୍ନର ଉ ର ମୁଖ୍ୟବକ୍ତା ଓ ମୁଖ୍ୟଅତିଥି ପ୍ରଦାନ କରିଥିଲେ । ଦର୍ଶନଶାସ୍ତ୍ର ବିଭାଗର ଛାତ୍ରୀ ସୁଶ୍ରୀ ସମିତା ସ୍ୱାଇଁ ଆଲୋଚନାଚକ୍ରର ସଂଯୋଜନା କରିଥିବା ବେଳେ ବିଭାଗୀୟ ଅଧ୍ୟାପକ ଅଚ୍ୟୁତାନନ୍ଦ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

# ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday February 11, 2024 ଭୁବନେଶ୍ୱର ରବିବାର, ଫେବୃଆରୀ ୧୧,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ଚତୁର୍ଥ ବାର୍ଷିକୀ ରାଜ୍ୟସ୍ତରୀୟ ରାଇଜିଙ୍ଗ ଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ



କାକଟପୁର,(ପି.ଏନ): ଆଜି କାକଟପୁରସ୍ଥିତ ପ୍ରାଚୀବିହାରରେ ଚତୁର୍ଥ ବାର୍ଷିକୀ ରାଜ୍ୟସ୍ତରୀୟ ରାଇଜିଙ୍ଗ ଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଏମ ଏମ ସି ସି ସମ୍ବଲପୁର ବନାମ କମାଣ୍ଡୋ ଇଲେଭେନ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି କ୍ଷ ପ୍ରଥମେ ଏମ ଏମ ସି ସି ସମ୍ବଲପୁର ଟସ ଜିତି ବ୍ୟାଟିଂ କରିବାର ନିଷ୍ପତି ନେଇ ୮ ଓଭର ବିଶିଷ୍ଟ ମ୍ୟାଚ୍‌ରେ ୬ ଉଇକେଟ ହରାଇ ୧୧୬ ରନ କରିଥିଲା କ୍ଷ ଜବାବରେ କମାଣ୍ଡୋ ଇଲେଭେନ ଭୁବନେଶ୍ୱର ମାତ୍ର ୭.୧ ଓଭରରେ ୫ ଉଇକେଟ ହରାଇ ୧୧୭ ରନ କରି ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା କ୍ଷ ମୁଖ୍ୟ ଅତିଥି ଭାବେ କୋଣାର୍କର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମହୋଦଧି ବି ଇ ଡି କଲେଜର ଚେୟାରମ୍ୟାନ ଶୁଭ୍ରଜିତ ମହାପାତ୍ର ଯୋଗଦେଇ ଚମ୍ପିୟାନ ଦଳକୁ ୮୦ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଦଳକୁ ୪୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ପୁରୀ ସବ ରେଜିଷ୍ଟର ପ୍ରଭାତ ତରାଇ, ଫିନୋ ପେମେଣ୍ଟସ ବ୍ୟାଙ୍କର ପୁରୀ ଜିଲ୍ଲା ମ୍ୟାନେଜର ସଞ୍ଜୟ ବିଶ୍ୱାଳ ଯୋଗଦେଇଥିବାବେଳେ ଶାଶ୍ୱତ ଶୁଭଦର୍ଶନ ଲେଙ୍କା, ରାହୁଲ ବେହେରା, ଜ୍ଞାନରଞ୍ଜନ ଦାଶ, ଗୋପାଳ ବିଶ୍ୱାଳ, ରମେଶ ଚନ୍ଦ୍ର ପରିଡା,ପିଙ୍କୁ,ମିଲୁ ପ୍ରମୁଖ ଖେଳ ସହଯୋଗ କରିଥିଲେ କ୍ଷ ଅମ୍ପେୟାର ଭାବେ ଦେବରାଜ ଖତ୍ରୀ ଓ ଡ୍ୟାନସିଂ ଅମ୍ପେୟାର ବବୁଲ ସାହୁ ଖେଳ ପରିଚାଳନା କରିଥିଲେ ।

## ସଦର ଥାନା ଅଧିକାରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ଫୁଲନଖରା,(ପି.ଏନ): ସେବା ସଂସ୍କୃତି ଓ ସମର୍ପଣ ର ସଂଗଠନ ପ୍ରାଚୀ ପ୍ରଜ୍ଞା ପରିଷଦ ପକ୍ଷରୁ କଟକ ସଦର ଥାନାର ଭାରପ୍ରାପ୍ତ ଅଧିକାରି ରଶ୍ମିରଞ୍ଜନ ମହାପାତ୍ର ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କଟକ ଜିଲ୍ଲା ବାରଙ୍ଗ ବ୍ଲକ କୁରାଙ୍ଗ ଶାସନ ଅନ୍ତର୍ଗତ ଆମ୍ରପଲ୍ଲି ରିସୋର୍ଟ ପରିସର ରେ ଅନୁଷ୍ଠିତ ସଭାରେ ପରିଷଦର ସଦସ୍ୟ ମାନେ ଶ୍ରୀଯୁକ୍ତ ମହାପାତ୍ର ଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ରଶ୍ମିରଞ୍ଜନ ମହାପାତ୍ର ଙ୍କ କଟକ ସଦର ଥାନା ରେ ନିଯୁକ୍ତି ପରଠାରୁ ଆଜି ପର୍ଯ୍ୟନ୍ତ କଟକ ସଦର ଥାନାକୁ ଏକ ଆଦର୍ଶ ଥାନା ରେ ପରିଣତ କରିବା ସହ ଜନସାଧାରଣଙ୍କ ସମସ୍ୟା ସମାଧାନ କରିବା ସହିତ ସୁ ସମ୍ପର୍କ ଯୋଗୁ ସମସ୍ତଙ୍କର ପ୍ରିୟ ଭାଜନ ହୋଇ ପାରିଥିଲେ । ରଶ୍ମିରଞ୍ଜନ ମହାପାତ୍ର ଙ୍କ ଉତ୍ତରୋତ୍ତର ଉଜ୍ଜ୍ୱଳ ଭବିଷ୍ୟତ କାମନା ସହିତ ସୁଦୀର୍ଘ ନିରାମୟ ଜୀବନ କାମନା କରି ଜଗନ୍ନାଥଙ୍କ ପାଖେ ପ୍ରାର୍ଥନା କରାଯାଇଥିଲା । ଏହି ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବରେ ପରିଷଦ ର ମ୍ୟାନେଜିଂ ଟ୍ରଷ୍ଟି ଅଶ୍ୱିନ ମହାପାତ୍ର, ସମ୍ପାଦକ ଅନୁପ ସାସମଲ, ବରିଷ୍ଠ ସଦସ୍ୟ ଯୁଧିଷ୍ଠିର ଖଟୁଆ, ଉପ ସଭାପତି ଉମାକାନ୍ତ କର, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ ।

## ଜିଲ୍ଲାଜଜ୍ ଏକାଦଶ ଓ ଜିଲ୍ଲା ଓକିଲ ସଂଘ ଏକାଦଶ ମଧ୍ୟରେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳ ପଡିଆରେ ଜିଲ୍ଲାଜଜ୍ ଏକାଦଶ ଏବଂ ଜିଲ୍ଲା ଓକିଲ ସଘଂ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଆଜି ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଜିଲ୍ଲା ଜଜ୍ ଏକାଦଶ ଟଚ ଜିଣି ବ୍ୟାଟିଙ୍ଗ କରିବା ସହିତ ୨୦ ଓଭର ରେ ୮ ୱିକେଟ୍ ହରାଇ ୧୪୩ ରନ୍ କରିଥିଲେ । ଏହାର ଜବାବରେ ଜିଲ୍ଲା ଓକିଲ ସଂଘ ଏକାଦଶ ୧୧ ଓଭରରେ ୪ ୱିକେଟ ହରାଇ ନିର୍ଦ୍ଧାରିତ ଲକ୍ଷକୁ ପୁରଣ କରି ୧୪୪ ରନ୍ କରିଥିଲେ । ଏହି ଉପଲକ୍ଷେ ଜିଲ୍ଲା ଓକିଲ ସଂଘ ସଭାପତି ବିଚିତ୍ରାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଏବଂ ସରକାରୀ ଓକିଲ ସଞ୍ଜୟ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ନଗରପାଳ ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳ ଜିଲ୍ଲା ଓକିଲ ସଂଘ ଏକାଦଶକୁ ବିଜୟୀ ଟ୍ରଫି ଓ ଜିଲ୍ଲାଜଜ୍ ଏକାଦଶକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରିବା ସହିତ ବ୍ୟକ୍ତିଗତ ୨୦ ରନ୍ କରିଥିବା ଏବଂ ୨ ଟି ୱିକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ଜିଲ୍ଲାଜଜ୍ ବିଶ୍ୱଜିତ୍ ମହାନ୍ତିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ । ଜିଲ୍ଲାଜଜ୍ ଏକାଦଶର କ୍ୟାପଟେନ୍ ଭାବେ ଜିଲ୍ଲାଜଜ୍ ବିଶ୍ୱଜିତ୍ ମହାନ୍ତି ଦାୟୀତ୍ୱ ନେଇଥିବା ବେଳେ ଜିଲ୍ଲା ଓକିଲ ସଘଂ ଏକାଦଶର କ୍ୟାପଟେନ୍ ଭାବେ ଆଇନଜୀବୀ ଆଶିଷ ସାମଲ୍ ଦାୟିତ୍ୱ ନିର୍ବାହ କରିଥିଲେ । ଅନ୍ୟତମ ଅତିଥି ଭାବେ ପରିବାର ଅଦାଲତ ଜଜ୍ ବିକାଶ ଚନ୍ଦ୍ର ଦେ, ଅତିରିକ୍ତ ଜିଲ୍ଲା ଜଜ୍ (ପୋକ୍ସୋ) ପ୍ରଣତୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜଜ୍ ଅଜୟ ପ୍ରଧାନ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ରମାଦେବୀ ସୋରେନ୍, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପୂଜା ଷଡଙ୍ଗୀ ପ୍ରମୁଖ ଯୋଗଦେଇ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଘଂର ସମ୍ପାଦକ ଧର୍ନୁଧର ନାୟକ, କାଉନସିଲର ସେକ୍ ଅସଲମ୍, ଆଇନଜୀବୀ ହରି ପ୍ରସାଦ କର, ଅରୁଣ ପ୍ରସାଦ ଦାସ, ଇତିହାସ ଲେଙ୍କା, ବ୍ରଜ ସୁନ୍ଦର ରାଉତ, ଗଣେଶ ପ୍ରସାଦ ମଲ୍ଲିକ, ନିରଞ୍ଜନ ବଳ, ଚିନ୍ମୟ ବିଶ୍ୱାଳ, ସଦାମ ଖାନ, ସଂଗ୍ରାମ ଜେନା, ଗିରିଜା ଶଙ୍କର ପଣ୍ଡା, ସୁବାସ ସାହୁ, ରାଖାଲ ଶେଖର ଦାସଙ୍କ ସମେତ ଜିଲ୍ଲାର ସମସ୍ତ ଜଜ୍ ଓ ଶତାଧିକ ଆଇନଜୀବୀ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରି ଥିଲେ ।

## ଆରମ୍ଭ ହେଲା ଚତୁର୍ଥ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ



କେନ୍ଦ୍ରାପଡ଼ା,(ପି.ଏନ): ଚତୁର୍ଥ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ-୨୦୨୪ ଆଜିଠାରୁ ଜିଲ୍ଲା ସଂସ୍କୃତି ଭବନରେ ଆରମ୍ଭ ହୋଇଛି । ଏହା ଦୁଇ ଦିନ ଚାଲିବ । କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେସନ୍ ପକ୍ଷରୁ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେର୍ଜସ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବକୁ ପ୍ରଖ୍ୟାତ କଥାକାର ଡ. ରାମଚନ୍ଦ୍ର ବେହେରା ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ପ୍ରଖ୍ୟାତ କଥାକାର ତରୁଣକାନ୍ତି ମିଶ୍ର ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଡ. ଅଭିରାମ ବିଶ୍ୱାଳ ଯୋଗ ଦେଇଥିଲେ । କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେସନର ଆବାହକ ଚୌଧୁରୀ ଅମିତାଭ ଦାସ ସଭାପତିତ୍ୱ କରି ଜିଲ୍ଲାର ବୌଦ୍ଧିକ ଓ ସାରସ୍ୱତ ଜଗତକୁ ଚଳଚଞ୍ଚଳ ରଖିବା ପାଇଁ ଏହି ଉତ୍ସବ ଆୟୋଜନ କରାଯାଉଛି ବୋଲି କହିଥିଲେ । ଓଡ଼ିଆ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ସଭାକୁ ସଂଯୋଜନା କରିଥିବା ବେଳେ କେମ୍ପ୍ର ଉପଦେଷ୍ଟା ତଥା କଥାକାର ଡ. ବିରଜା ରାଉତରାୟ ଉପସ୍ଥିତ ଥିଲେ । ଉତ୍ସବକୁ ଉଦ୍‌ଘାଟନ କରି କଥାକାର ଡ. ରାମଚନ୍ଦ୍ର ବେହେରା କହିଲେ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଯୋଗୁଁ ମଣିଷର କଳ୍ପନାଶକ୍ତି ହ୍ରାସ ପାଉଛି । ଏହା ନିଶ୍ଚିତ ଚିନ୍ତାଜନକ ବିଷୟ । ଏହାଦ୍ୱାରା ବୌଦ୍ଧିକ କୌଶଳ ମାଧ୍ୟମ ସଂକୁଚିତ ହେଉଛି । କିନ୍ତୁ ଆମେ ଏହାକୁ ନେଇ ନିରାଶ ହେବାନି । ମଣିଷ ପାଖରେ ସମ୍ବେଦନଶୀଳତା ଓ ସୃଜନଶୀଳତା ରହିଛି । ଏହା କେବେ ମରିବ ନାହିଁ । ଏହା ଚିରନ୍ତନ, ପ୍ରଖର ଓ ଶକ୍ତିଶାଳୀ ବୋଲି ସେ ଦୃଢ଼ୋକ୍ତି କରିଥିଲେ । ମୁଖ୍ୟ ଅତିଥି ତରୁଣକାନ୍ତି ମିଶ୍ର କହିଲେ ଯେଉଁମାନେ ଲେଖୁଛନ୍ତି ସେମାନେ ସତ ଲେଖିବାକୁ ଉଦ୍ୟମ କରିବା ଉଚିତ । ତୁମେ ଯେଉଁଭଳି ଭାବେ କହିବାକୁ ଚାହୁଁଛ, ସେଭଳି ଭାବେ ଲେଖ । ଲେଖକକୁ ଗୋଟିଏ ଧାଡ଼ି ପଛେ ହେଉ, ନିଷ୍କପଟ ଭାବେ ସତ୍ୟ ଲେଖିବାକୁ ପଡ଼ିବ । ଅନାବଶ୍ୟକ ଶବ୍ଦ ଲେଖିବାର ଆବଶ୍ୟକତା ନାହିଁ । ସତ୍‌ସାହିତ୍ୟ ଓ ଉଚ୍ଚାଙ୍ଗ ସାହିତ୍ୟ କିଭଳି ସୃଷ୍ଟି ହେବ, ସେ ସମ୍ପର୍କରେ ଅଧିକ ମାନସମନ୍ଥନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଅଭିରାମ ବିଶ୍ୱାଳ ସାହିତ୍ୟ କେବଳ ସହାନୁଭୂତି ନୁହେଁ, ସମାନୁଭୂତିରେ ବିଶ୍ୱାସ କରେ । ଏହା ଭାତୃତ୍ୱ ସାମ୍ରାଜ୍ୟର କଥା କୁହେ । ସାହିତ୍ୟ ସମାନ୍ତରାଳ ଇତିହାସ ଓ ବିକଳ୍ପ ରାଜନୀତି ବୋଲି ସେ ମତପ୍ରକାଶ କରିଥିଲେ । ଉଦ୍‌ଘାଟନୀ ସଭା ପରେ 'ସଂଘର୍ଷର ଆରପାଖେ ସୃଜନ ସକାଳ' ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନାରେ ଆଦିତେଶ୍ୱର ମିଶ୍ର, ସନ୍ନ୍ୟାସୀ ବେହେରା, ଅନ୍‌ପା ମାର୍ଣ୍ଡି, ଗୌରାଙ୍ଗ ଚରଣ ସାହୁ ଓ ମୀରା ପରିଡ଼ା ପ୍ରମୁଖ ଭାଗ ନେଇଥିଲେ । ସୁନନ୍ଦା ପ୍ରଧାନ ଆଲୋଚନାକୁ ସଂଯୋଜନା କରିଥିଲେ । ତାହା ପରେ ଯଜ୍ଞେନ୍ଦ୍ର ରାଉତଙ୍କ ସଂଯୋଜନାରେ 'ସୌନ୍ଦର୍ଯ୍ୟରୁ ସର୍ଜନ' ଶୀର୍ଷକ ଆଲୋଚନାରେ ନବକିଶୋର ଦାସ, ଦିଲ୍ଲୀପ ସାହାଣୀ, ଯଶୋବନ୍ତ ସେଠୀ, ଭରତ ଚନ୍ଦ୍ର ଜେନା ଓ ସଚ୍ଚିକାନ୍ତ ନାଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଚନ୍ଦନ ସିଂହଙ୍କ ସଂଯୋଜନାରେ 'ଓଡ଼ିଆ ସାହିତ୍ୟରେ ଜନଜାତି' ଶୀର୍ଷକ ଆଲୋଚନାରେ ଦେବାଶିଷ ପାତ୍ର ଓ କ୍ଷେତ୍ରବାସୀ ମାନସେଠ୍ ଭାଗ ନେଇଥିଲେ । ଅପରାହ୍ନରେ ଆୟୋଜିତ କବିତା ଆସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ବୃନ୍ଦାବନ ଦାସ ଯୋଗ ଦେଇଥିଲେ । ଚାରୁଲତା ଭୂୟାଁ ଓ କାକୁଲି ମଲ୍ଲିକ କବିତା ଆସରକୁ ପରିଚାଳନା କରିଥିଲେ । ଉଦ୍ଘାଟନୀ ଉତ୍ସବ ପୂର୍ବରୁ ଆୟୋଜିତ ସାହିତ୍ୟ କୁଇଜରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଭାଗ ନେଇଥିଲଲେ । ଡ. ଅଜିତ କୁମାର ଦାସ, ଡ. ଆଶୁତୋଷ ରାଉତ, ଡ. ଗିରିଜାକାନ୍ତ ଦାସ, ଶ୍ରୀଧର ବେହେରା ଓ ଡ. ରାଜେଶ କୁମାର ସେଠୀ କୁଇଜକୁ ପରିଚାଳନା କରିଥିଲେ । କେନ୍ଦ୍ରାପଡ଼ା ଡେଭଲପମେଣ୍ଟ ଫାଉଣ୍ଡେସନର କର୍ମକର୍ତ୍ତା ବିଶ୍ୱରଞ୍ଜନ ଦାଶ, ଅଂଶୁମାନ ପଟ୍ଟନାୟକ, କେମ୍ପ୍ର ସମ୍ପାଦକ ମହମ୍ମଦ୍ ଜାହିଦ ଖାନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜାତୀୟ କୃମିନାଶକ ଦିବସ ପାଳନ ଉପଲକ୍ଷେ ସାମ୍ବାଦିକ ସମ୍ମିଳନୀ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସହରର ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜାତୀୟ କୃମିନାଶକ ଦିବସ ଉପଲକ୍ଷେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ଫେବୃୟାରୀ୧୦ତାରିଖରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ । ଏହି ଉପଲକ୍ଷେ ଅଧିକ ପ୍ରଚାର ପ୍ରସାର ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା । ୧ବର୍ଷରୁ ୧୯ବର୍ଷ ମଧ୍ୟରେ ଥିବା ଶିଶୁ, କିଶୋର, ବାଳକ ଓ ବାଳିକାମାନଙ୍କୁ କୃମି ନାଶକ ବଟିକା ପ୍ରଦାନ କରାଯିବ । ଆଶାକର୍ମୀ ଓ ବିଦ୍ୟାଳୟର ନୋଡାଲ ଶିକ୍ଷକମାନଙ୍କୁ ଏସମ୍ପର୍କରେ ତାଲିମ ପ୍ରଦାନ କରାଯିବା ପରେ ଆସନ୍ତା କାଲି ପ୍ରତି ସ୍କୁଲରେ ଶିଶୁମାନଙ୍କୁ ଏହି ବଟିକା ପ୍ରଦାନ କରାଯିବ । ଏଥିରୁ ବଞ୍ଚିତ ଅନ୍ୟମାନଙ୍କୁ ଫେବୃୟାରୀ ୧୭ତାରିଖରେ ବଟିକା ବଣ୍ଟନ କରାଯିବ । ପ୍ରଥମ ପର୍ଯ୍ୟାୟରେ ୫ଲକ୍ଷ ଶିଶୁଙ୍କୁ କୃମିନାଶକ ବଟିକା ବଣ୍ଟନ କରାଯିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଅବସରରେ ସାମ୍ବାଦିକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ(ପରିବାର କଲ୍ୟାଣ) ଡା. ସଚିଦାନନ୍ଦ ମିଶ୍ର ଏହା କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏସଏମଓ ଡା. ଅର୍ଚ୍ଚନା ନାୟକଡା. ନୃପେନ ଶତପଥୀ, କୃଷ୍ଣଚନ୍ଦ୍ର ଲୋହା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂହ, ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କର୍ମକର୍ତ୍ତା ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଡିପିଏଚସିଓ ମୀନତୀ ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray